RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE

ଜୁଲାଇ ୨୦୧୭
ମୂଲ୍ୟ : ୨୫ ଟଙ୍କା







[illegible]

# ପ୍ରାଚୀ

ସମ୍ପାଦକ :
[illegible]

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେଷିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା 'ପ୍ରାଚୀ' ର ଦ୍ୱିତୀୟ ବର୍ଷର ଚତୁର୍ଥ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ଜୀବନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

ସଂପାଦକ

# 'ପ୍ରାଚୀ'ର କଲମ

**ପ୍ରା**ଚୀର ଗୋଟିଏ ଜିଦ୍ ଆମେ ମାଙ୍କଡ଼ମାନଙ୍କୁ ପାଠ ପଢ଼ାଇବା । ମୁଁ ସବୁବେଳେ ତା ଜିଦ୍ ଆଗରେ ହାର ମାନେ । ସେ ଭୁଲ କହିଲେ ବି ମୁଁ ତାକୁ ମୁଣ୍ଡପାତି ଶୁଣେ ଏବଂ ତା ବିଷୟରେ ବହୁତ ଭାବେ । କାରଣ ତା' ପ୍ରତି ବିଶ୍ୱାସ ଏବଂ ଭଲପାଇବା ଏତେ ଥାଏ ଯେ, ମୁଁ ସବୁବେଳେ ତାଭୁଲ୍‌ରୁ ଠିକ୍‌କୁ ଖୋଜି ବୁଲେ । ସେମିତି ଏହି ମାଙ୍କଡ଼ କଥା ମୁଁ ଭାବି ଭାବି ବହୁଦିନ ବିତିଗଲା । ମନକଥା ମନରେ ରହିଲା । ମନକୁ ପୁଣି ଆସିଲା, ଯଦି ମାଙ୍କଡ଼ମାନଙ୍କୁ ପଢ଼ାଇପାରିବା ନାହିଁ, ଆମେ କ'ଣ ମାଙ୍କଡ଼ ପାଇଁ କଥା କହିପାରିବା ନାହିଁ ? ତେଣୁ ପ୍ରାଚୀର କଥାରୁ 'ପ୍ରାଚୀ' ର ସୃଷ୍ଟି ହେଲା । ଏହି ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତର ମାନଙ୍କ ପାଇଁ ଏକ ଆଶର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ଏହି ପତ୍ରିକାର ପ୍ରଥମ ସୃଷ୍ଟିରେ ୧୨ଟି ଚରିତ୍ରର ହୃଦୟୋଚ୍ଛ୍ୱାସ ଦିଆଯାଇଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଉଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଉଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ଼ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡେ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-2, July 2016, Issue No. IV
RNI No. : ODIODI/2015/64435
P.R. No. : CK(C)/26/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦିକା ସହଯୋଗୀ :
ପ୍ରାଚୀ ପ୍ରଜ୍ଞା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ବନଲତା ସିଂହ
ପରିଚାଳନା ସମ୍ପାଦିକା :
ପ୍ରଜ୍ଞା ପରିମିତା
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ମୋ: ୮୯୦୮୫୫୪୯୫୬
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
କାର୍ଯ୍ୟକାରୀ ସମ୍ପାଦିକା:
ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ
www.pracheevoice.in ରେ
ଲଗ୍‌ଇନ୍ କରନ୍ତୁ ।

Declaration
Edited, Published & Owned by :
Dr. Bibhudatta Khandayatray
... Vihar, Cuttack - 4
E-mail
Web Site
www.pracheevoice.in

## ଏଇ ସଂଖ୍ୟାରେ...

❑ ପମି ଅପା
ବନଲତା ସିଂହ ୭

❑ ପାର୍ଷଣ କନ୍ୟା
ପ୍ରାଚୀ ପ୍ରଜ୍ଞା ୧୬

❑ ନିଃସଙ୍ଗ ଜୀବନ
ବିଚିତ୍ରାନନ୍ଦ ପଣ୍ଡା ୧୮

❑ ଶୃଙ୍ଖଳା ଓଠରେ ହସ
ତପନ କୁମାର ସ୍ୱାଇଁ ୨୨

❑ ଜରା ନୁହେଁ, ଶାନ୍ତି ଆଶ୍ରମ
ଡ. ବିଭୁଦତ୍ତ ଖଣ୍ଡାୟତରାୟ ୨୫

❑ ବାଲିପାହାଡ଼
ମାନସ ରଞ୍ଜନ ପଟ୍ଟନାୟକ ୨୮

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ ।
- ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତା ଥାଏ ତାହା ଏଥିରେ ପ୍ରକାଶ ପାଇବ ।
- ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ । ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ ।
- ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ ।
- ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**ଏହାକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................................

ଜିଲ୍ଲା............................................................... ପିନ୍‌କୋର୍ଡ଼ ..................................

ମୋବାଇଲ୍ ନମ୍ବର ............................................. ଇ-ମେଲ୍ ............................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ମନିଅର୍ଡର)**


**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬

E-mail : pracheepatrika@rediffmail.com, Web. : www.pracheevoice.com

# ପମି ଅପା

– ବନଲତା ସିଂହ

ପମି ଅପା, ସମ୍ପର୍କରେ ପଡ଼ୋଶୀ ଝିଅ । ଭଉଣୀ ହିସାବ ହେବ । ବୟସ ପ୍ରାୟ ସମାନ । ମାସେ କି ଦେଢ଼ମାସ ସେ ବଡ଼, ଆଉ ମୁଁ ସାନ । ପିଲାଟି ଦିନୁ ତାଙ୍କର ମୋର ସାଙ୍ଗ । ଏକାଠି ବାଲିଘର କରି ଖେଳୁ । ପୁଣି ବୋଉ ଚୋରୀ, ରୁମାଲ ଚୋରୀ ସବୁପ୍ରକାର ଖେଳରେ ଆମେ ଆଗୁଆ । ଆମ ଦୁଇଜଣଙ୍କୁ ଯେ ଦେଖିବ ସେ ଭାଇ-ଭଉଣୀ କହିବ । ସେ ମୋ ନାଁ ଧରି ରାଜୁ ବୋଲି ଡାକନ୍ତି । ଆଉ ମୁଁ ଥରେ ପମି ବୋଲି ଡାକିଲାରୁ ମୁରବିମାନେ ଗାଳି କଲେ, କହିଲେ ଦିନକର ବଡ଼ ହେଲେ ବି ସେ ବଡ଼ । ତୁ ପମି ଅପା ଡାକିବୁ, ବାସ୍ ସେହିଦିନ ଠାରୁ ସେ ମୋର ପମି ଅପା । ପମି ଅପା ଦେଖିବାକୁ ବହୁତ ସୁନ୍ଦର । ଗୋରା ଦେହ । କୁଞ୍ଚିକୁଞ୍ଚିକିଆ ଚୁଟି, ଢଳ ଢଳ ଆଖି, ବହୁତ ଭଲ ଲାଗେ, ଶାନ୍ତଶିଷ୍ଟ, ଟିକେ ନାକ କାନ୍ଦୁରି । ଏକାଠି ପଢୁ, ସ୍କୁଲ ଯାଉ, ପୁଣି ସାଥୀ ହୋଇ ଘରକୁ ଫେରିଆସୁ । ପମି ଅପା ଅନାଦି ମଉସାଙ୍କର ଗୋଟିଏ ବୋଲି ଝିଅ । ମଉସା ମାଉସୀ ବହୁତ ସ୍ନେହ କରୁଥିଲେ । ମୋତେ ବି ଭଲ ପାଆନ୍ତି । ପମିର ସାଙ୍ଗ ହିସାବରେ ପ୍ରତ୍ୟେକ ପୁନେଇ ପରବରେ ମୋର ଖାଇବା ତାଙ୍କ ଘରେ । ପ୍ରତ୍ୟେକ କାମରେ ମଉସା ରାଜୁ ରାଜୁ ବୋଲି ପାଣି ପିଇବେନି । ଆଉ ଏହି ସ୍ନେହରେ ମୁଁ ଲକ୍ଷ୍ୟ କରିଛି ପମି ଅପା ଖୁସି ହେବାର । ଧିରେ ଧିରେ ବଡ଼ ହେଲୁ । ସ୍କୁଲ ପାଠ ସରି ସରି ଆସିଲା । ବା'ର କି ତେର ବର୍ଷ ହେଲାରୁ ପମି ଅପା କାହିଁକି ମୋତେ ଦେଖିଲେ ଲାଜ କରନ୍ତି, ଆଗ ପରି ଆଉ ମୋ ସାଥୀରେ ମିଶୁ ନାହାନ୍ତି । କିନ୍ତୁ ବହୁତ ସୁନ୍ଦର ଦିଶୁଛନ୍ତି । ତାଙ୍କର ମୁରୁକା ହସ ମୋ ଅନ୍ତରରେ ଭରିଦିଏ ଅସୀମ ଆନନ୍ଦ । ଏମିତି ଦିନ ଗୁଡ଼ିକ ଗଡି ଗଡି ଚାଲିଲା । ହାଇସ୍କୁଲ ପାଶ୍ ପରେ ସେ ଘରେ ରହିଗଲେ । ଆଉ ମୁଁ ସହରକୁ ଚାଲିଆସିଲି ପାଠ ପଢ଼ିବାକୁ । ଯେଉଁ ଦିନ ମୁଁ ସହର ଆସିଲି ସେଦିନ ଯାଇଥିଲି ଅନାଦି ମଉସା ଘରକୁ ବିଦାୟ ଆଣିବାକୁ । ମଉସା ମାଉସୀ କୁଣ୍ଢାଇ ପକାଇ କହିଲେ ରାଜୁରେ ବହୁତ ପାଠ ପଢ଼ିବୁ । ବଡ଼ ହାକିମ ହେବୁ । ମୋ ମୁଣ୍ଡ ଆଉଁସି କହିଲେ ଧନରେ ଚିଠି ଲେଖି ଭଲମନ୍ଦ କଥା ଜଣାଇବୁ । ମୁଁ ମୁଣ୍ଡ ଟୁଙ୍ଗାରି ହଁ କହିଲି । ଆଉ ପମି ଅପାଙ୍କୁ ଚାହିଁଲି । ସେ ନୀରବ । ମୁଁ କହିଲି ପମି ଅପା ମୁଁ ଯାଉଛି ତୁମେ କିଛି କହିବନି ? ସେ ଟିକେ ମୁରୁକି ହସି ମୋତେ ଟିକେ ଚାହିଁ ପୁଣି ତଳକୁ ମୁହଁ ପୋତି ଠିଆ ହେଲେ ।'ସେହି ଟିକେ ଚାହାଣୀ ମୋର ଅନ୍ତରଟାକୁ ଘାଣ୍ଟି ଚକଟି ପକାଇଲା । ବସ୍ ସମୟ ହୋଇଗଲା । ମୁଁ ଚାଲିଆସିଲି ସୁଦୂର କଟକ । ବାପା ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ଆସିଥିଲେ । ଆଉ ବୋଉ ମୁହଁରେ ଲୁଗା ଦେଇ ଆଖି ଛଳ ଛଳ କରି ଚାହିଁ ମୋତେ ବିଦାୟ ଦେଉଥିଲା । ଏଠାରେ ପହଞ୍ଚି କିଛିଦିନ ମନ ଭଲ ରହିଲାନି । ତା'ପରେ ପାଠପଢ଼ାରେ ମନ ଦେବାକୁ ସ୍ଥିର କଲି । ରେଭେନ୍ସା କଲେଜରେ ମୋର ଆଡ଼ମିଶନ ହୋଇଗଲା । ମୁଁ ପାଠ ପଢ଼ିଲି ଗୋଟିଏ ଭଡ଼ା ଘରେ ରହି । ମାସକୁ ଥରେ ବାପା ଆସି ଚୁଡ଼ା, ଚାଉଳ ପ୍ରଭୃତି ଆବଶ୍ୟକୀୟ ଜିନିଷ ଦେଇ ଚାଲିଯାଆନ୍ତି । ମୁଁ ପଚାରେ ଅନାଦି ମଉସା, ମାଉସୀ ଓ ଶେଷରେ ପମି ଅପା କଥା । ସେସବୁ ଭଲ ବୋଲି କହିଦିଅନ୍ତି । ମୁଁ ଧୀରେ ଧୀରେ ଭୁଲିବାକୁ ଚେଷ୍ଟା କରୁଥିଲି । ଭାବେ ସେ ତ ମୋର କିଛି ନୁହଁ । ସେ ପଡ଼ିଶା ଝିଅ । ମୁଁ କାହିଁକି ଏତେ କଥା ଭାବୁଛି ? ରାତିରେ ଶୋଇଲା ବେଳେ ସେ ଶାନ୍ତ-ଶିଷ୍ଟ ସରଳ ମୁହଁଟି ମୋ ଆଖି ଆଗରେ ନାଚି ଯାଏ । ମନଟା ବ୍ୟଥିତ ହୁଏ, କିନ୍ତୁ କାହିଁକି ସେ ପ୍ରଶ୍ନର ଉତ୍ତର ମୁଁ ନିଜେ ଜାଣିନି ।

ବେଳେ ବେଳେ ଚିଠି ଲେଖେ । ମଉସା ମାଉସୀ ମଧ୍ୟ ଚିଠିର ଉତ୍ତର ଦିଅନ୍ତି । କିନ୍ତ ପମି ଅପା ଦିନକ ପାଇଁ କିଛି ଲେଖନ୍ତିନି । ମାଉସୀ ବେଳେ ବେଳେ ପମି ଏଇଠି ବସିଛି ବୋଲି ଚିଠିରେ ଲେଖନ୍ତି । ଚିଠି ପଢ଼ି ମୋତେ ଲାଗେ ତାଙ୍କର ଦେହର ବାସନା ଯେମିତି ସେ ଚିଠିରେ ଲେସି ହୋଇଯାଇଛି । ହେଉ ଆସନ୍ତା ଗ୍ରୀଷ୍ମ ଛୁଟିରେ ଗାଁକୁ ଗଲେ ଜଣାପଡ଼ିବ । ତାଙ୍କର ଇଚ୍ଛା କ'ଣ ? ମନେ ପଡ଼େ, ରଜ ସମୟରେ ଗାଁକୁ ଅପେରା ଆସିଲେ ମୁରବି ମାନଙ୍କ ସାଙ୍ଗରେ ଆମେ ଦୁଇଜଣ ଯାତ୍ରା ଦେଖିବାକୁ ଯାଉ । ସବା ଆଗରେ ଆମେ ଦୁଇଜଣ ବସୁ । ଯଦି ଦୁଃଖ କିମ୍ବା ଡ଼ର ସିନ୍ ଆସେ ତେବେ ସେ ମୋତେ କୁଣ୍ଢାଇ ପକାନ୍ତି । ମୁଁ କହେ ଡରନି ପମି ଅପା ମୁଁ ପରା ଅଛି ? ଯଦି କିଛି ଲଭ୍ ସିନ୍ ଆସେ ସେ ଲାଜରେ ତଳକୁ ମୁହଁ ପୋତି ଦିଅନ୍ତି । ମୋତେ ଭଲ ଲାଗେ ତାଙ୍କର ସେ ଲାଜୁଆ ମୁହଁଟା ଆମ୍ବ ତୋଟାରେ ଆମ୍ବ ତୋଳୁ ତୋଳୁ କେଇଥର ସେ ମୋ ଉପରେ ପଡ଼ି ଯାଇଛନ୍ତି । କଣ୍ଢେଇ କୋଳି, ବରକୋଳି ମୁଁ ତୋଳି ନେଇ ତାଙ୍କୁ ଦିଏ । ସେ ଭାରି ଖୁସି ହୁଅନ୍ତି । ବେଶୀ ଖୁସି ହୁଅନ୍ତି ଭାଲୁକୁଣୀ ଓଷାରେ କଇଁ ଫୁଲ, ପଦ୍ମ ଫୁଲ ପାଣିରେ ବୁଡ଼ି ତୋଳିକରି ଆଣି ତାଙ୍କୁ ଦେଲେ । ଧୂଳି ଖେଳରେ ମୁଁ ବର ସେ କନିଆ ସାଜି, କେତେ ବାଲିରେ ଭାତ ରାନ୍ଧି ମିଛି ମିଛିକା ଖାଉ । କିନ୍ତୁ ତାଙ୍କର କ'ଣ ହୋଇଛି ? ସେ ଏତେ ନୀରବ କାହିଁକି ?

ଯେତେବେଳେ ବସନ୍ତ ଆସି ପଲ୍ଲବିତ କରନ୍ତା, ସେତେବେଳେ କେଉଁ ନିଦାଘ ଆମ ମଝିରେ ଆସି ପାଚିରି ହୋଇ ଶୁଷ୍କ କରୁଛି, ମୋ ପାଖରେ କିଛି ଉତ୍ତର ନାହିଁ । ଜାଣିବାକୁ ବହୁତ ଚେଷ୍ଟା କରିଛି । କିନ୍ତୁ କିଛି ଆଶାଜନକ ଉତ୍ତର ପାଇନି । ସେ ଯାହାବି ହେଉ, ଏଇଥର ଗାଁକୁ ଗଲେ ସବୁ ପଚାରିବି । ନିଶ୍ଚୟ ପଚାରିବି । ଏମିତି ଭାବି ଭାବି କେତେ ରାତି ବିତି ଯାଇଛି । ଏବେ ବି ବିତୁଛି । ଅପେକ୍ଷାର ଦିନ ସରିଯାଇଛି । ପରୀକ୍ଷା ଶେଷ ହୋଇଛି, ଗାଁକୁ ଯିବି ।

ମନରେ ଅଫୁରନ୍ତ ଆନନ୍ଦ । ରାତି ପାହିଲା । ନିତ୍ୟକର୍ମ ସାରି ବସ୍‌ରେ ବସି ବାହାରିଲି ଗାଁକୁ । ଠିକ୍ ଦି'ପହର ସମୟରେ ପହଞ୍ଚିଗଲି । ଘରେ ବ୍ୟାଗ୍‌ଟି ରଖି ଦଉଡ଼ିଗଲି ପମି ଅପା ଘରକୁ । ଦେଖିଲି ପମିଅପା ଦୁଆରେ ପଛ କରି ବସି ମାଛ କାଟୁଛନ୍ତି । ପିଠିରୁ କିଛି ଲୁଗା ଖସି ଯାଇ ତାଙ୍କର ଆବୃତ ଅଂଶଟି ବାହାରକୁ ଦେଖାଯାଉଛି ଗୋରା ଗୋରା ପିଠି ବହୁତ ସୁନ୍ଦର ଦିଶୁଛି । ମୁଁ ଖଣ୍ଡିକାଶ ମାରି ଇସାରା ଦେଲି । ସେ ଚମକି ପଡ଼ି ଚାହିଁଦେଲେ, ଆଉ ଲାଜରେ ଲୁଗା ଟାଣିବାକୁ ଚେଷ୍ଟା କଲେ । କିନ୍ତୁ ଆଇଁସ ହାତରେ କିଛି କରିପାରିଲେନି । ମଉସା-ମାଉସୀ ଦଉଡ଼ି ଆସିଲେ, ମୁଁ ମୁଣ୍ଡିଆ ମାରିଲି । ସେ ମୋ ମୁଣ୍ଡ ଆଉଁସି କହିଲେ- ବୁଢ଼ାଟିଏ ହୋଇଥା । ପ୍ରଭୁ ତୋତେ କୋଟି ଆୟୁଷ ଦିଅନ୍ତୁ ।

ମୁଁ ଚାହିଁଲି ପମିଅପାଙ୍କୁ, ସେ କହିଲେ ଭଲ ଅଛି । ମୁଁ ହସି ହସି କହିଲି ତୁମେ ଜାଣିଥିବ ? ମାଉସୀ କହିଲେ ରାଜୁ ତୁ ଆଜି ଦି'ପହର ଖାଇବା ଆମ ଘରେ ଖାଇବୁ । ମୁଁ ହଁ କହି ଆମ ଘରକୁ ଚାଲିଆସିଲି । ରୋଷେଇ ସରିବାରୁ ମାଉସୀ ଆସି ଡାକି ନେଇଗଲେ, ମୋ ବୋଉ କିଛି କହିପାରେନି । ଏହା ତ ପିଲାଟି ଦିନରୁ ଏମିତି ଚାଲେ, ବୋଉ ଖାଇବା ବାଢିଥିବ, ମାଉସୀ ଡାକି ନେଇଯିବେ । ବୋଉ ଖାଲି ହସେ । ଖିଆପିଆ ସରିଲା । ମୁଁ ଘରେ ଆସି ଶୋଇପଡ଼ିଲି । ଉଠିଲାବେଳକୁ ସଞ୍ଜ ହୋଇଯାଇଥିଲା । ଜହ୍ନ ପଡ଼ି ଚାରିଆଡ଼େ ଛାଇ ଆଲୁଅର ଲୁଚକାଳି ଖେଳ ଖେଳୁଥାଏ । ମୁଁ ଟିକେ ସାହି ଆଡ଼େ ବୁଲିବାକୁ ଗଲି ସାଙ୍ଗସାଥୀ ମେଳରେ ଗପୁ ଗପୁ ଟିକେ ଡେରି ହୋଇଗଲା । ମୁଁ ଘରକୁ ଫେରିଲି । ଦେଖିଲି ପମି ଅପା ଦାଣ୍ଡ ବାରଣ୍ଡାରେ ବସିଛନ୍ତି । ଜହ୍ନ ଆଲୁଅରେ ତାଙ୍କ ମୁହଁଟା ବହୁତ ସୁନ୍ଦର ଦିଶୁଥିଲା । ଭାବିଲି ଏଇଟା ଠିକ୍ ମଉକା । ଆଜି ପଚାରିବି ଭାବି ତାଙ୍କ ପାଖରେ ପହଞ୍ଚିଲାରୁ ସେ ଉଠି ଚାଲିଯାଉଥିଲେ । ମୁଁ ତାଙ୍କ ହାତ ଧରି ପକାଇ ଡାକି ଦେଲି ପମି ଅପା- ସେ ଠିଆ ହୋଇ ମୋ ମୁହଁକୁ ଚାହିଁଲେ । ମୁଁ କହିଲି.... କିଛି ତ କୁହ, ମୋ ରାଣ.... କିଛି ତ କୁହ.... ।

ସେ ହାତ ଛଡ଼ାଉ ଛଡ଼ାଉ କହିଲେ.... ମୋତେ ଛୁଅଁନା ରାଜୁ । ଏ ସ୍ପର୍ଶ ବଡ଼ ଯନ୍ତ୍ରଣାଦାୟକ । ଆଖିରୁ ନିଦ ହଜାଇ ଦିଏ । ଭୋକ ଶୋଷ ସବୁ ଛାଆଁକୁ ଉଭାନ ହୋଇଯାଆନ୍ତି । ଏଣୁ ନୀରବରେ ଅକୁହାକଥାକୁ ଅନୁଭବ କରିବାକୁ ମୋତେ ସୁଯୋଗ ଦିଅ... କହି ଘର ଭିତରକୁ ଚାଲିଗଲେ । ଏକ ଦୀର୍ଘ ନିଃଶ୍ୱାସ ପକାଇ ମୁଁ ଘରକୁ ଫେରିଆସିଲି । ଘରେ ଖାଇ ପିଇ ଶୋଇକରି ଭାବୁଥିଲି... ଏ କି ପ୍ରକାର ସମ୍ଭାଷଣ ? ଏ କ'ଣ ପ୍ରେମ ? ଏ କି ପ୍ରକାର ବନ୍ଧନ ? ଏକ ରହସ୍ୟମୟ ଜାଲ ଭିତରେ ଛନ୍ଦି ହୋଇ ଛଟପଟ ହେବାକୁ ଲାଗିଲି । କ'ଣ ଉଦ୍ଦେଶ୍ୟ ପମିଅପାଙ୍କର ସେ କ'ଣ ଚାହାଁନ୍ତି ? ତାଙ୍କ ଭାବନା ରାଜ୍ୟର ମୁଁ କ'ଣ ରାଜକୁମାର ? ନାଁ ଆଉ କିଏ ? ମୁଁ କିପରି ଜାଣିବି ? ଭଲ ଲାଗିଲାନି କିଚି । ଶୋଇବାକୁ ଚେଷ୍ଟା କଲି... । ଖରାଦିନ ଛୁଟି ଦୁଇମାସ ସରି ଆସୁଛି । ପମିଅପା ଘରେ ବସି ମଉସା ମାଉସୀଙ୍କ ସାଥୀରେ ଗପସପ ହସଖୁସିରେ କଟିଯାଉଥାଏ । ସେ କେବଳ ନୀରବ ଦର୍ଶକ ହୋଇ ବସନ୍ତି । ସତେ ଅବା ପ୍ରେମର ଏକ ମୂକ ପ୍ରତିମୂର୍ତ୍ତିଟିଏ । ଗପୁ ଗପୁ ଆଖିରେ ଆଖି ମିଶିଗଲେ ସେ ଅପ୍ରତିଭ ହୋଇ ଲାଜରେ ତାଙ୍କ ମୁହଁଟା ନାଲି ପଡ଼ିଯାଏ । ବହୁତ ଭଲ ଲାଗେ ମୋତେ ।

ସରିଗଲା ଛୁଟି । ଫେରିଆସିଲି କଟକ । ପୁଣି ପାଠ ପଢ଼ା । ପଢ଼ିବାକୁ ନିଶ୍ଚୟ ପଡ଼ିବ । କାରଣ ପାଠପଢ଼ି ଚାକିରୀ କଲେ ମୁଁ ପମିଅପାର ପ୍ରସ୍ତାବ ମୋ ପାଇଁ ନିଜେ ଯାଇ ମଉସା ମାଉସୀଙ୍କୁ କହିବି । ସେ ନିଶ୍ଚୟ ରାଜି ହୋଇଯିବେ । .... ହେଲେ .... ପମିଅପା : ତାଙ୍କ ମନରେ କ'ଣ ଅଛି ? .... ମୁଁ ବି କାହିଁକି ତାଙ୍କ ପଛେ ପଡ଼ିଛି କେଜାଣି ? କଲେଜରେ କେତେ ସୁନ୍ଦରୀ ଝିଅ ମୋ ଚାରି ପାଖରେ ଘୂରି ବୁଲୁଛନ୍ତି । କାହିଁକି କେଜାଣି ମୋ ଆଖିରେ ପମିଅପା ଛଡ଼ା ଆଉ କେହି ସୁନ୍ଦର ଦେଖାଯାଉ ନାହାନ୍ତି.... ଛାଡ଼....ଦେଖାଯିବ ଆଗକୁ କ'ଣ ହେଉଛି ।

କିଛିଦିନ ପରେ ବାପା ଆସିଲେ ଜିନିଷପତ୍ର ଧରି । ସେ କହୁଥିଲେ, ପମିଅପାର ବାହାଘର ପାଖ ଗାଁର ଗୋକୁଳି ରାଉତର ପୁଅ ଅନିରୁଦ୍ଧ ସହିତ ଠିକ୍ ହୋଇଯାଇଛି । ଚମକି ପଡ଼ିଲି ମୁଁ । ଏ କ'ଣ ? ମୁଁ ଭାବୁଛି କ'ଣ ? ହେଉଛି କ'ଣ ? ମୁଁ ପଚାରିଲି... ପମିଅପା ରାଜି ଅଛନ୍ତି ? ବାପା କହିଲେ, କାହିଁକି ? କିଛି କହିଲିନି । ଅନିରୁଦ୍ଧକୁ ମୁଁ ଜାଣେ, ହାଇସ୍କୁଲରେ ମୋ ସହିତ ପଢୁଥିଲା । ଦେଖିବାକୁ ମନ୍ଦ ନୁହେଁ । ଏବେ ସେ କ'ଣ କରୁଛି ମୁଁ ଜାଣିନି । ତେବେ ପମିଅପା... ଛିଃ... ମୁଁ କାହିଁକି ଏତେ ଭାବୁଛି ? ତାଙ୍କ ସହିତ ମୋର ସମ୍ପର୍କ କ'ଣ ? ତଥାପି ଅନିରୁଦ୍ଧ ଉପରେ ମୋର କାହିଁକି ହିଂସା ଆସିଲା । ତାକୁ ଯଦି ଦେଖନ୍ତି.... ଏମିତି ମନ ଖରାପ କରି ବସିଛି । ପୋଷ୍ଟ ପିଅନ ଖଣ୍ଡେ ଚିଠି ଦେଇଗଲା । ଚିଠିଟି ଗୋଟିଏ ଲଫାପା ଥିଲା । ଭୟ ଓ ଆଗ୍ରହରେ ଲଫାପାଟି ଖୋଲିଲି । ଦେଖିକରି ଚମକି ପଡ଼ିଲି । ପମିଅପା ମୋ ପାଖକୁ ଚିଠି ଲେଖିଛନ୍ତି । ଆଶ୍ଚର୍ଯ୍ୟ, ଯିଏ ଦେଖିଲେ ପଦେ କଥା କହନ୍ତିନି ସେ ପୁଣି ଚିଠି ଲେଖିଛନ୍ତି ? ପୁଣି ମୋ ପାଖକୁ ? କ'ଣ ବାହାଘର ନିମନ୍ତ୍ରଣ ? ମୋର ଯିବାର ନାହିଁ । ମୁଁ ଏ ସବୁ ଦେଖିପାରିବିନି । ପମିଅପା କାୟ-ମନ-ବାକ୍ୟରେ ସେ କେବଳ ମୋର ମୁଁ କେମିତି ଦେଖିବି ସେ ଆଉ କାହା ସାଥୀରେ ଯାଉଛନ୍ତି, ଅସମ୍ଭବ । ତଥାପି ଚିଠିଟିକୁ ଖୋଲି ପଢିଲି । ସେଥିରେ ଏହିପରି ଲେଖାଥିଲା.... ଅତି ଆଦରର....

କ'ଣ ସମ୍ବୋଧନ କରିବି ? ଜାଣିପାରୁନି, ଯାହାବି ଲେଖୁଛି ତାହା ହାସ୍ୟାସ୍ପଦ ଭାବରେ ଅଣଦେଖା କରିବନି । ଆଜି ମୁଁ ମୋର ଅନ୍ତରର କଥା ତୁମକୁ କହିବି । ବହୁତ ଥର ତୁମେ କ'ଣ କହିବାକୁ ଚେଷ୍ଟା କରିଛ କିନ୍ତୁ ମୋର ପ୍ରବଳ ଇଚ୍ଛା ଥିଲେ ମଧ୍ୟ ମୁଁ ସେ ସବୁକୁ ଆଡେଇ ଦେଇଛ କାରଣ ମୁଁ ଜାଣିଛି, ଦେଲେ ଧରା କଥା ସରେ... ଥିଏ ମଜା ଦୂରେ ଦୂରେ... ଏହି କଥାଟି ନିରାଟ ସତ୍ୟ । କାରଣ ତୁମେ ପାଠ ପଢୁଥିଲ । ମନଟା ଚଞ୍ଚଳ ହୋଇଗଲେ ତୁମେ ବହୁତ ପଛେଇ ଯିବ । ସେଇଥିପାଇଁ ମୁଁ ଅପେକ୍ଷା କରୁଥିଲି । ତୁମେ ନିଜ ଗୋଡ଼ରେ ଠିଆ ହୋଇଗଲେ ମୁଁ ମୋ ନିଜ ଆଡୁ ତୁମକୁ ପ୍ରସ୍ତାବ ଦେଇଥାଆନ୍ତି । କିନ୍ତୁ

ଭଗବାନଙ୍କର ଇଚ୍ଛା ଭିନ୍ନ ପ୍ରକାରର ମୋତେ ମୋର ଲକ୍ଷ ପାଖରେ ପହଞ୍ଚାଇବାରେ ବାଧା ପ୍ରାପ୍ତ କଲା । ମୋ ବୋଉ ମଧ ମୋ ଅନ୍ତର ବୁଝି ସେ ତା ଅନ୍ତର ଭିତରେ ତୁମକୁ ରଖିଥିଲା । କିନ୍ତୁ ମୋର ତନ, ମନ ସବୁକିଛି ମୁଁ ତୁମକୁ ଦେଇ ଦେଇଛି । ଏବେ ଯିଏ ମୋ ଜୀବନକୁ ଆସିବେ ସେ କେବଳ ମୋ ଶରୀରକୁ ପାଇବେ, ତୁମେ ତ ଜାଣ, ମୁଁ ବାପାଙ୍କ ବିରୁଦ୍ଧରେ ଯାଇ ପାରିବିନି । ଏଣୁ ନୀରବରେ ମୁଣ୍ଡ ପାତି ଏତେ ବଡ଼ ବିଚ୍ଛେଦକୁ ସାମନା କରିବାକୁ ଯାଉଛି । ଜାଣେନା ଆଗାମୀ ଦିନ ମୋ ପାଇଁ କି ପ୍ରକାର ଖେଳ ନେଇ ଆସିବ କିନ୍ତୁ ସତ କହୁଛି ରାଜୁ, ତୁମ ପାଖରେ ମୋ ମନ ରହିଗଲା । ମୋତେ କ୍ଷମା କରିବ । ମୁଁ ତୁମକୁ ବହୁତ ନିରାଶ କରିଛି । ସେ ଯାହା ହେଉ ତୁମେ ବାହାଘରକୁ ନିଶ୍ଚୟ ଆସିବ । ମୁଁ ଟିକେ ତୁମକୁ ଆଖି ପୁରାଇ ଦେଖିବି । ନିଜର ତ କରିପାରିଲିନି.... ତଥାପି.... ଇତି ତୁମର....

ଚିଠିଟି ପଢି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ପମିଅପା, ତୁମେ ଏପରି କାହିଁକି କଲ ? ମୁଁ କେତେଥର ଚେଷ୍ଟା କରି ବିଫଳ ହୋଇଛି, ହେଉ ଜାଣିକରି ଖୁସି ହେଲି ଯେ ତୁମେ ମୋତେ ଭଲପାଅ ବୋଲି । ତୁମର ଯେଉଁଥିରେ ଖୁସି ମୋର ସେଇଥିରେ ଖୁସି । ଏଣୁ ମୁଁ ସ୍ଥିର କଲି ପମିଅପା ବାହାଘରକୁ ନିଶ୍ଚୟ ଯିବି । ମୋ ଭିତରେ ଯେତେ ଦୁଃଖ ଥାଉ ପଛେ, ମୁଁ ପମିଅପାକୁ ନିଶ୍ଚୟ ଖୁସି କରିବି । ରାତି ବହୁତ ହେଲାଣି । ଶୋଇପଡ଼ିଲି ।

ତା'ପରଦିନ ସଅଳ ସଅଳ ବାହାରି ପଡିଲି ଗାଁ ଅଭିମୁଖେ । ବାଟରେ ବଜାରରୁ ମୋ ପେଟରୁ କାଟି ରଖିଥିବା କିଛି ଟଙ୍କା ଥିଲା, ସେଥିରେ ଗୋଟିଏ ନାଲି ଶାଢୀ କିଣିଲି । କ'ଣ ବା ଦେଇପାରିବି ମୁଁ ତାଙ୍କୁ । କିନ୍ତୁ ମୋର ବିଶ୍ୱାସ ପମିଅପାଙ୍କୁ ଶାଢୀଟି ଭାରି ସୁନ୍ଦର ଦିଶିବ । ଗାଁରେ ପହଞ୍ଚିଲି ଠିକ୍ ଆଠଟାରେ । ଗାଁଟି ଗହଳ ଚହଳ ହୋଇପଡିଛି ବାହାଘର ପାଇଁ । ମୁଁ ଗୋଟିଏ ଆଢୁଆଳ ଜାଗାରେ ଠିଆ ହୋଇଚାହିଁଲି । ସାଜସଜା ଭିତରେ ପମିଅପା ସଜ ହୋଇ ବସିଥାଆନ୍ତି । ଇସ୍ କି ସୁନ୍ଦର ଦିଶୁଛନ୍ତି । ମନରେ ଭାବିଲି ଅନିରୁଦ୍ଧ ତୁ କେତେ ଭାଗ୍ୟବାନ୍ । ଛାଡ.... ଯାହା ଭାଗ୍ୟରେ ଥିଲା । ଘରକୁ ଚାଲିଆସିଲି । ବୋଉ ମୋ ମୁହଁକୁ ଚାହିଁଲା । ମୁଁ କୃତ୍ରିମ ହସ ହସି ବୋଉକୁ ମୁଣ୍ଡିଆ ମାରିଲି । ସେ ହଉ କହି ଚାଲିଗଲା । ବର ଆସିଲା ଧୁମ୍‌ଧାମରେ ବାହାଘର ସରିଲା । ଝିଅ ବିଦାୟ ସମୟ ଆସିଲା । ବୋଉ କହିଲା... ରାଜୁରେ.... ପମିଅପା ଶାଶୁ ଘରକୁ ଯାଉଛି, ଯା' ଦେଖାକରି ଚାଲିଆ । ଇଚ୍ଛା ନ ଥିଲେ ବି ମୋର ଦୁର୍ବଳ ପାଦ ପକାଇ ଦେଖିବାକୁ ଗଲି । ଅନିରୁଦ୍ଧକୁ ଦେଖି ରାଗରେ ମୋ ଦେହ ଥରି ଉଠୁଥାଏ । ଯେମିତି ସିଂହର ଖାଦ୍ୟକୁ ଶୃଗାଳ ନେଇଯାଉଛି । ପୁଣି ଭାବିଲି ତା'ର ଦୋଷ କ'ଣ ? ପମିଅପା ମୋତେ ଦେଖିଛନ୍ତି କି ନାହିଁ । ମୁଁ ଜାଣିନି । କିନ୍ତୁ ମୁଁ ଲୁଚି କରି ଘରକୁ ଚାଲିଆସିଲି ।

କାନ୍ଦ ଗୋଳ ଭିତରେ ପମିଅପା ବିଦାୟ ହୋଇ ଶାଶୁ ଘରକୁ ଚାଲିଗଲେ । ଆଉ ମୁଁ କଟକ ଚାଲିଆସିଲି । ମୋର ଆଉ କେହି ନାହାନ୍ତି । ଯାହା କଥା ମୁଁ ଭାବିବି ଆଉ ଚିନ୍ତା କରିବି । କିଛିଦିନ ବହୁତ ଖରାପ ଲାଗିଲା । ତା'ପରେ ନିଜକୁ ଭୁଲାଇବାକୁ ବାଧ୍ୟ ହେଲି । ହଠାତ୍ ଦିନେ ବାପା ଆସି ପହଞ୍ଚିଗଲେ । ମୁଁ ପଚାରିଲି 'ବାପା' ହଠାତ୍ କ'ଣ ଚାଲି ଆସିଲ ? କ'ଣ କଥା କ'ଣ ? ବାପା କହିଲେ- ତୁ କିଛି ଶୁଣିନୁ ? ମୁଁ କହିଲି କେଉଁ କଥା ? ବାପା କହିଲେ ଆରେ ତୋ ପମିଅପା କଥା । ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି ପମିଅପାର ପୁଣି କ'ଣ ହେଲା ? ବାପା କହିଲେ- ଚତୁର୍ଥୀ ଦିନ ଅନିରୁଦ୍ଧ ଇଲେକ୍ଟ୍ରି ଲାଇଟ୍ ସଜାଡ଼ିଲା ବେଳେ କରେଣ୍ଟ ଲାଗି ମୃତ୍ୟୁବରଣ କଲା । ଅନାଦି ମଉସା ପମିକୁ ନେଇ ଘରକୁ ପଳାଇ ଆସିଲେ । ସେହିଦିନ ଠାରୁ ମଉସା ବିଛଣା ଧରିଛନ୍ତି । ଆଉ ଆଖି ଖୋଲୁନାହାନ୍ତି । ଯେମିତି ଲାଗୁଛି ସେ ଆଜିକାଲି ଭିତରେ ଚାଲିଯିବେ ।

ଏକଥା ଶୁଣି ମୋର ମୁଣ୍ଡରେ ବଜ୍ରପାତ ହେଲା ପରି ଲାଗିଲା । ମୁଁ ବହୁତ ଭାଙ୍ଗି ପଡ଼ିଲି । ବାପାଙ୍କ ସାଥୀରେ ମଉସାଙ୍କୁ ଦେଖିବାକୁ ଗାଁକୁ ଗଲି । ଗାଁରେ ମାଉସୀ ମୋତେ ଦେଖି କୁଣ୍ଢାଇ ଧରି କାନ୍ଦିଲେ । କହିଲେ, ରାଜୁରେ ମୋ

ସଂସାର ଭାଙ୍ଗିଗଲା । ମୁଁ ତାଙ୍କୁ ବୁଝାଇ ବୁଝାଇ ଆଖି ପଡ଼ିଗଲା ମଉସାଙ୍କ ଉପରେ । ସେ ମୋତେ କ'ଣ କହିବାକୁ ଚାହୁଁଥିଲେ । ମୁଁ ତାଙ୍କ ପାଖକୁ ଗଲି । ସେ ମୋତେ ଠାରି କରି କହିଲେ, ପମି ତୋତେ ଲାଗିଲା । ଏତିକି କହି ସେ ଚିରଦିନ ପାଇଁ ନୀରବ ହୋଇଗଲେ । କାନ୍ଦକଟାରେ ଘର ଫାଟି ପଡ଼ିଲା । ଗାଁଟା ସାରା କାନ୍ଦି କାନ୍ଦି ଲୋଟି ଯାଉଥାଆନ୍ତି । ମୁଁ ବା କାହାକୁ କେତେ ବୁଝାଇବି ? ତେବେ ଯାହାହେଉ ଦୁଃଖ କାନ୍ଦ ଭିତରେ ଶୁଦ୍ଧିଘର କାମ ସରିଲା । ମୁଁ ପୁଣି କଟକ ଫେରିଆସିବି ବୋଲି ଭାବି ପମିଅପା ଘରକୁ ଗଲି ଦେଖାକରି ଆସିବାକୁ । ମାଉସୀ କହିଲେ-ରାଜୁ....ରେ ମୋର ଆଉ କିଏ ଅଛି ? ତୁ ପମି କଥା ଟିକେ ଭାବିବୁ । ମୁଁ କିଛି କହିପାରିଲିନି । ପମିଅପାକୁ ଅନାଇବାକୁ ସାହସ ହେଉନଥାଏ । ତଥାପି ମୋ ଅଜାଣତରେ ଆଖି ପଡିଗଲା ତାଙ୍କ ଉପରେ । ସେ ମଧ୍ୟ ମାଉସୀଙ୍କ କଥା ସମର୍ଥନ କରୁଥିଲେ ନୀରବ ଛଳ ଛଳ ଆଖିରେ । ମୁଁ ଅସରନ୍ତି ଦୁଃଖକୁ ଛାତିରେ ରଖି ବାପା ବୋଉଙ୍କ ପାଖକୁ ଆସିଲି । ମୁଁ କିଛି କହିବା ପୂର୍ବରୁ ବୋଉ ମୋତେ ତାଗିଦ୍ କଲା... ରାଜୁ ପେଟରୁ କାଟି ପଇସା ଦେଉଛୁ ତୁ ପଢିବା ପାଇଁ । ଏଣିକି ତୁ ପଢାପଢିରେ ମନ ଦେ । ଏ ବେକାର କଥାରେ ମୁଣ୍ଡ ଖେଳାନା । ମୁଁ ଆଶ୍ଚର୍ଯ୍ୟ ହୋଇଚାହିଁଲି । ବୋଉର ପୁଣି କ'ଣ ହେଲା ?

ମୁଁ ଚାଲିଆସିଲି କଟକ । କ'ଣ କରିବି, ମୋ ମୁଣ୍ଡ କିଛି କାମ କରୁ ନଥାଏ । ତେବେ ମୋତେ ପାଠ ପଢିବାକୁ ହେବ । ମୁଁ ଭଲ ଚାକିରୀଟିଏ କଲେ ସିନା, ପମିଅପା ମୁଣ୍ଡରେ ସିନ୍ଦୂର ଦେଇ ତାକୁ ସିମନ୍ତିନୀ କରାଇବି । ଛାଡ଼... ମୁଁ ପାଠପଢ଼ାରେ ବ୍ୟସ୍ତ ରହିଲି । ଆଉ ମାଉସୀ କି ପମିଅପାର ଖବର କିଛି ରଖିପାରିନି । ଦିନେ କାହିଁକି ମନ ଭାରି ବ୍ୟସ୍ତ ଲାଗିଲା । ମୁଁ କାହାକୁ ନ ଜଣାଇ ସିଧାଯାଇ ପମିଅପା ଘରେ ପହଞ୍ଚିଗଲି । ମାଉସୀ ଗାଁ ଆଡ଼େ ବୁଲିଯାଇଥିଲେ । ମୋତେ ଦେଖି ପମିଅପା ଅପ୍ରତିଭ ହୋଇ କହି ଉଠିଲେ.... ତୁମେ ? ମୁଁ କେବଳ ଚାହିଁ ରହିଥିଲି । ଏ କ'ଣ... ପମିଅପା । ଧଳା ଶାଢୀ ପିନ୍ଧି ହାତ ଖାଲି କରି ଏକ ବିଧବା ପରି ବେଶ ହୋଇଛନ୍ତି । ମୋ ଛାତି ଭିତରଟା କରତି ହୋଇଗଲା । ସେ ମୋତେ ଦେଖି ପରଶୁଣିରେ ଚିନି ଲୁଣ ପାଣିରେ ପକାଇ ହାତରେ ଗୋଳାଇ କାଗିଜି ଲେମ୍ବୁପତ୍ରକୁ ମଳି ଦେଇ ପିଇବାକୁ ଦେଲେ । ଆଃ ଅମୃତ ପରି ଲାଗିଲା । କି ଶାନ୍ତି.... ସତରେ ଯେମିତି ତାଙ୍କ ହାତରେ ଅମୃତ ଅଛି । ମାଉସୀ ଆସି ମୋତେ ଦେଖି ଖୁସି ହୋଇଗଲେ । ମୁଁ ଆଖିର ଇଙ୍ଗିତରେ ଜଣାଇଦେଲି ଜମା ବ୍ୟସ୍ତ ହୁଅନା । ମୁଁ ଅଛି । ଏତିକି କହି ଘରକୁ ନଯାଇ କଟକ ଫେରିଆସିଲି ।

ଏହି କଥାରେ ପଛରେ ଗାଁରେ ତୁମୂଳ କାଣ୍ଡ ଆରମ୍ଭ ହୋଇଗଲା । ମୋ ବୋଉ ଭୀଷଣ ରାଗି ଯାଇ ପମିଅପା ମାଉସୀଙ୍କୁ ଯାହା ଇଚ୍ଛା କହି ଗାଳିଗୁଲଜ କଲା । ଗାଁ ଲୋକ ମଧ୍ୟ ବୋଉକୁ ସପଟ କଲେ । କାରଣ ପମିଅପା ଗୋଟିଏ ବିଧବା । ଏକଥା ଶୁଣି ମୋ ମନରେ ଝଡ଼ ଉଠୁଥିଲେ ମଧ୍ୟ ମୁଁ ନୀରବ ହୋଇ ରହିଗଲି । କାରଣ ମୋର ସ୍ୱାଧୀନତା ନଥିଲା । ବାପାଙ୍କ ପଇସାରେ ପାଠ ପଢୁଥିଲି । କିନ୍ତୁ ମନରେ ପ୍ରଶ୍ନ ଆସେ । ପମିଅପା ଆଉ ମାଉସୀଙ୍କର ଦୋଷ କ'ଣ ? ଗାଁ ବାଲା ତ ବୁଝିଲେ ନାହିଁ । ମୋ ବୋଉର୍ ବୁଝିବା ନିହାତି ଦରକାର ।

ଏମିତି କଥା ଭାବି ଭାବି କେତେ ବିନିଦ୍ର ରଜନୀ ପାହିଛି, ତା'ର ହିସାବ ନାହିଁ । ବିଚାରି ପମିଅପା ବିନା ଅପରାଧରେ ଅପରାଧିନୀ । ସେ ସ୍ୱାମୀ ମୁହଁ ଦେଖିନି । ତାକୁ ଛୁଇଁନି । ତା'ର ମୃତ୍ୟୁରେ ସେ ବିଧବା ହେଲା କିପରି ? ଧନ୍ୟ ଏ ସମାଜ । କେଡ଼େ ଅନ୍ଧ ସତେ ଏ ସମାଜ ? ଯୁଆଡ଼େ ବର୍ଷା ସେ ଆଡ଼େ ସେ ଛତା ଦେଖାଏ । ତା'ର ନିଜର ବିଧାନ କିଛି ନାହିଁ । ଛାଡ଼.... ମୁଁ ମୋ ଲକ୍ଷପଥରେ ପହଞ୍ଚିସାରେ.... ତା'ପରେ ଏ ସମାଜ ଦେଖିବ ଗୋଟାଏ ନୂତନ ଅଧ୍ୟାୟ । ନୂତନ ସଂସ୍କାର ପାଇବ । ଏମିତି କେତେ ଦିନ ଚାଲିଗଲାଣି । ମୁଁ ଗୋଟିକ ପରେ ଗୋଟିଏ ପାହାଚ୍ ପାଠକୁ ଅତିକ୍ରମ କରିସାରିଲିଣି ।

ଆଉ ଗାଁକୁ ଯାଇନି କି ଯିବିନି ବୋଲି ଶପଥ କରିଛି । ଯେଉଁଦିନ ପମିଅପା ମୁଣ୍ଡରେ ସିନ୍ଦୂର ଦେବି ସେହିଦିନ ଗାଁକୁ ଯିବି । ମୋ ରାଣ ପମିଅପା ମେତେ ଖରାପ ଭାବିବନି । ଠିକ୍ ସମୟରେ ମୁଁ ପହଞ୍ଚିବି । ଆଇ.ଏ.ଏସ୍. ପାଇଁ ପ୍ରସ୍ତୁତ ହେଉଥିଲି । ଦିନେ ବାପା ଆସି ପହଞ୍ଚିଲେ । ତାଙ୍କ ମୁହଁଟା ଶୁଖି ଯାଇଥିଲା । ଖରାରେ ଆସିଛନ୍ତି । ସେଥିପାଇଁ ବୋଧେ କ୍ଲାନ୍ତ ହୋଇଯାଇଛନ୍ତି । ଗୋଡ଼ ହାତ ଧୋଇ ଖାଇପିଇ ସାରି ବିଶ୍ରାମ ନେବାକୁ ଗଲା ବେଳକୁ କହିଲେ ରାଜୁରେ ଅନାଦି ମଉସାର ଘରଟା ଛାରଖାର ହୋଇଗଲା । ମୁଁ ବ୍ୟଗ୍ର ହୋଇ ପଚାରିଲି.... କାହିଁକି.... କ'ଣ କିଛି ଅଘଟଣ ଘଟିଛି କି ? ବାପା କହିଲେ.... ହଁ.... ରେ ତୁ କିଛି ଶୁଣିନୁ ? ମୁଁ କହିଲି ବାପା ଶୀଘ୍ର କୁହ କ'ଣ ହୋଇଛି ?

ଆରେ... ଗାଁ ବାଲାଙ୍କର କଟୁ କଥା ଥଟ୍ଟା ତାମସା ଚାହି ଟାପରା ସହି ନପାରି ପମି ଘର ଛାଡ଼ି କୁଆଡ଼େ ପଳାଇଲା ଚିଠିରେ ଲେଖି ଦେଇଗଲା.... ମୋ ମରଣ ପାଇଁ କେହି ଦାୟୀ ନୁହନ୍ତି । ତୋ ମାଉସୀ ଏକଥା ସହିପାରିଲାନି । ତା'ର ହାର୍ଟ-ଫେଲ୍ ହୋଇଗଲା । ସବୁ ଚାଲିଗଲା । ସବୁ ସରିଗଲା । ଖାଲି ନିଅଁସିଆ.ଭିଅଟା ଠିଆ ହୋଇରହିଛି । ..... ଏ କଥା କହି ବାପା ଆଖି ପୋଛିଲେ । କାରଣ ସେ ପମିଅପା ଆଉ ତାଙ୍କ ପରିବାରକୁ ବହୁତ ଭଲ ପାଉଥିଲେ ।

ମୋ ମୁଣ୍ଡରେ ବଜ୍ର ପଡ଼ିଲା ପରି ଲାଗିଲା । ମୁଁ କହିଲି ଏତେ କଥା ହୋଇଗଲା । ମୋତେ ଟିକେ ଜଣାଇଲନି ? ବାପା କହିଲେ.... ତୋ ବୋଉ ମନା କଲା, ତୋତେ ନ ଜଣାଇବାକୁ, କହିଲା.... ତା' ପାଠ ପଢ଼ା ଡିଷ୍ଟର୍ବ ହେବ । ମୋ ଜୀବନଟା ବି ବିଶୃଙ୍ଖଳା ହୋଇଗଲା । ବୋଉକୁ କହିଦେବ ତା'ପାଇଁ ମୁଁ ମରିଗଲି । ବାପା ଟିକେ ବିଶ୍ରାମ ନେଇ କାନ୍ଦି କାନ୍ଦି ଗାଁକୁ ଚାଲିଗଲେ । ଆଉ ମୋ ଦେହରୁ ଜୀବନଟାକୁ ନେଇଗଲେ । କିଛି ଭଲ ଲାଗୁ ନ ଥିଲେ ବି କାହିଁକି ମୋ ମନଟା ଅସ୍ଥିର ହେଉ ନଥିଲା । ଯେପରି ଲାଗୁ ଥିଲା ପମିଅପା ମରିନାହାନ୍ତି । ସେ ନିଶ୍ଚୟ ବଞ୍ଚିଥିବେ । କେବଳ ମୋ ପାଇଁ, ଦେଖାଯାଉ ପ୍ରଭୁ କ'ଣ ଲେଖିଛନ୍ତି ମୋ ଭାଗ୍ୟରେ ।

ପ୍ରଭୁଙ୍କର ଆଶୀର୍ବାଦରୁ ମୁଁ ଆଇ.ଏ.ଏସ୍. ପାଇଗଲି । ଆଉ କଟକ ଜିଲ୍ଲାର ଉଚ୍ଚପଦସ୍ଥ ଅଫିସର ପୋଷ୍ଟରେ ଚାକିରୀ ପାଇଗଲି । ମୋତେ ଗାଡ଼ି, ବଙ୍ଗଳା, ଚାକର, ପିଅନ ସବୁ ମିଳିଲା । ଏ ଆନନ୍ଦ ଯାହା ପାଇଁ ମହା ଆନନ୍ଦରେ ପରିଣତ ହୋଇଥାଆନ୍ତା ସେ ଆଜି ମୋ ପାଖରେ ନାହାନ୍ତି । ଶୟନେ ସପନେ ମନ କେବଳ ପମିଅପାଙ୍କୁ ଖୋଜୁଥିଲା । କିଛିଦିନ ପରେ ଗୋଟିଏ ସ୍କୁଲର ଜୟନ୍ତୀ ଉତ୍ସବ ଉଦ୍‌ଘାଟନ କରିବାକୁ ମୋତେ ନିମନ୍ତ୍ରଣ ଆସିଲା । ମୁଁ ସରକାରୀ ସହକାରୀଙ୍କ ସହିତ ଉତ୍ସବରେ ଯୋଗ ଦେବାକୁ ଗଲି । କଟକ ଜିଲ୍ଲାର ଖଣ୍ଡାୟତ ପାଇକରା ଗ୍ରାମଟି ଚଳଚଞ୍ଚଳ ହୋଇଉଠିଛି । ଠାଏ ଠାଏ ତୋରଣ ମାନ ସଜା ହୋଇଛି । ଗ୍ରାମଟି ପରିଷ୍କାର ପରିଚ୍ଛନ୍ନ । ଗ୍ରାମ ଭିତରେ ପଶିଗଲାରୁ ସଂସ୍କାରର ଗନ୍ଧ ବେଶ୍ ଅନୁଭବ ହେଉଥାଏ । ଗାଁ ପରିମଳ ଧୋବା ତୁଠରୁ ବୋଲି ଆମରି କଥାରେ ଅଛି । ଏକଥା ସତ୍ୟରେ ପରିଣତ କରିଛନ୍ତି ଗ୍ରାମବାସୀମାନେ ଠିକ୍ ସମୟରେ ଉତ୍ସବ ଆରମ୍ଭ ହୋଇ ଶେଷ ହୋଇଗଲା । ଆଉ ଗୋଟିଏ ଅନାଥ ଆଶ୍ରମ ପରିଦର୍ଶନ କରିବାକୁ ଗ୍ରାମବାସୀ ଅନୁରୋଧ କଲେ । ମୁଁ ମଧ୍ୟ ଗଲି । ଅନାଥ ପିଲାମାନଙ୍କୁ ଦେଖି ମୋର ହୃଦୟ ତରଳି ଗଲା । ମୁଁ କିଛି ଅନୁଦାନ ଦେବି ବୋଲି ପ୍ରତିଶ୍ରୁତି ଦେଲି ।

ଆଉ ଟିକେ ଆଗକୁ ଗଲି । ଦେଖିଲି ଗୋଟିଏ ପରିତ୍ୟକ୍ତ ଘରର କାନ୍ଥରେ ଅନାଥ ଆଶ୍ରମ ଦୁଇ ବୋଲି ଲେଖାଯାଇଛି । ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି ଏ ଅନାଥା ଆଶ୍ରମ ଦୁଇ କ'ଣ ? ସେ କହିଲେ ଆଜ୍ଞା ତିନିଚାରି ବର୍ଷ ହେବ ଗୋଟିଏ ବିଧବା ଝିଅଟିଏ ଦୁଇଟି ଅନାଥ ପିଲାଙ୍କୁ ଧରି ଆସି ଏହି ଗ୍ରାମରେ ଭିକ୍ଷାବୃତ୍ତି କରି ଛୋଟ ଛୋଟ ପିଲାଙ୍କୁ ପାଠପଢ଼ାଇ ନିଜ ପେଟ ପୋଷୁଛନ୍ତି । ଭାରି ଭଲଝିଅଟିଏ ଆଜ୍ଞା । ଭଦ୍ର, ସରଳ ସଂସ୍କାରୀ, ଟିକକରେ ସମସ୍ତଙ୍କୁ ଆପଣାର କରିନେବ । କି ବୁଢା କି ପିଲାଙ୍କ

ମୁହଁରେ ଝିଅଟିର ପ୍ରଶଂସା ଶୁଣି ତାଙ୍କୁ ଦେଖିବାକୁ ଇଚ୍ଛା ହେଲା, ମୁଁ କହିଲି ସେ ମହିୟସୀ ମହିଳାଙ୍କୁ ମୁଁ ଟିକେ ଦେଖିପାରିବିକି ? ....ହଁ .... ହଁ ଚାଲନ୍ତୁ କହି ଆଗରେ ସେମାନେ ଗଲେ । ଆଉ ମୁଁ ପଛରେ ଗଲି । ଘର ଭିତରଟି ଭାରି ସଫାସୁତୁରା । ଗୋଟିଏ ପୁଅ ଆଉ ଗୋଟିଏ ଝିଅକୁ ନେଇ ସେ ସ୍ତ୍ରୀ ଲୋକଟି ଭାରି ଖୁସି ଥିଲେ । କାରଣ ସୁନ୍ଦର କଣ୍ଠରେ ଗୀତ ଗାଇ ଗାଇ ପିଲାଙ୍କୁ ଖୁଆଉ ଥାଆନ୍ତି । ସେ କଣ୍ଠ ଶୁଣି ମୁଁ ଚମକି ପଡ଼ିଲି । ମୋ ଛାତି ଧଡ଼ ଧଡ଼ ହେବାକୁ ଲାଗିଲା । ମୋର ଆଉ ଧୈର୍ଯ୍ୟ ରହୁ ନଥାଏ । କିପରି ସ୍ତ୍ରୀଲୋକଟିର ମୁହଁ ଦେଖିବି । ଗ୍ରାମ ମୁରବି ଡାକିଲେ ଆରେ ମା', ମାଜିଷ୍ଟ୍ରେଟ୍ ବାବୁ ଆସିଛନ୍ତି ଦେଖିଲୁ ।

ସେ ସଙ୍କୋଚ ହୋଇ ବୁଲି କରି ଚାହିଁ ଦେଲେ । ତାଙ୍କ ଆଖି ମୋ ଆଖି ଏକାଠି ହୋଇଗଲା । ଚମକି ପଡ଼ିଲି.... ଏଁ.... ପମି ଅପା ? ସେ ମଧ୍ୟ ଚମକି ପଡ଼ିଲେ । କିନ୍ତୁ ନ ଚିହ୍ନିଲା ପରି ଅଭିନୟ କରି ମୋତେ ନମସ୍କାର କଲେ । ପିଲା ଦୁଇଟିଙ୍କୁ ମଧ୍ୟ ନମସ୍କାର ହେବାକୁ କହିଲେ । ମୁଁ ମଧ୍ୟ ସେହିପରି ଅଭିନୟ କଲି । ମୁଁ ପଚାରିଲି ଏ ଗ୍ରାମରେ ତ ଗୋଟାଏ ଅନାଥ ଆଶ୍ରମ ଅଛି । ତୁମେ ପୁଣି ଅଲଗା କାହିଁକି କରିଛ ? ପୁଣି କାହାର ସାହାଯ୍ୟ ନ ନେଇ, ସେ କହିଲେ ମୁଁ ଚାହୁଁନି କେହି କହୁ ମୋ ଦାନରେ ଅନାଥ ଆଶ୍ରମ ହୋଇଛି ବୋଲି । ବହୁତ ଭଲ ଲାଗିଲା । ଭାବିଲି ସେ ମୋ ପମିଅପାଟି ? ... ନ ହେଲେ ଏପରି ଉଦାର ହୃଦୟ କାହାର ହୋଇଥାଆନ୍ତା । ମୁଁ ଫେରିଆସିଲି, ଆଜି ଯେମିତି ମୋତେ ସ୍ୱର୍ଗର ଚାନ୍ଦ ମିଳିଯାଇଛି । ଗ୍ରାମବାସୀଙ୍କ ଠାରୁ ପମିଅପାଙ୍କର ଠିକଣା ନେଇ ମୁଁ ବିଦାୟ ନେଲି । ଗ୍ରାମବାସୀ ଅତି ଆନନ୍ଦ ଉତ୍ସାହ ଭିତରେ ମୋତେ ବିଦାୟ ଦେଲେ । ମୁଁ ଛାତିରେ ଛାତିଏ ଆନନ୍ଦ ନେଇ କଟକ ଆସିଲି ମୋ ବଙ୍ଗଳାକୁ .... ।

ରାତିରେ ବହୁତ ଦିନର ଅନିଦ୍ରା ଆଜି ସୁଖ ନିଦ୍ରାରେ ପରିଣତ ହେଲା । ଚାରିଆଡ଼େ ଯେମିତି ଖୁସି ଆନନ୍ଦ ବର୍ଷା ହେଉଛି, ମୋ ମନକୁ ମନ ଲାଗୁଛି । ସମସ୍ତେ ଯେମିତି ମୋତେ ଦେଖି ଆନନ୍ଦରେ ହସୁଛନ୍ତି । ରାତିରେ ବି ଲକ୍ଷ କରିଛି ଚାନ୍ଦଟା ମୋତେ ଟିକିଏ ଚାହିଁ ତାରାମାନଙ୍କୁ କ'ଣ କାହାଣୀ ଶୁଣାଉଛି । ତାରାମାନେ ହସି ହସି ଗଡ଼ି ଯାଉଛନ୍ତି । ମୋତେ ଲାଜ ଲାଗିଲା । ମୁଁ ଘର ଭିତରକୁ ପଳାଇ ଆସିଲି । କିଛିଦିନ ପରେ ମୁଁ ଗ୍ରାମବାସୀଙ୍କ ଜରିଆରେ ଗୋଟେ ଚିଠି ଲେଖିଲି । ଉଦ୍ଦେଶ୍ୟ ପମିଅପାଙ୍କ ଅନାଥ ଆଶ୍ରମ ବିଷୟରେ କିଛି କଥା ହେବାକୁ ନିଜର ଅନିଚ୍ଛା ସତ୍ତ୍ୱେ ଗ୍ରାମର ମୁରବୀଙ୍କ ସହିତ ପମିଅପା ଦୁଇଟି ଛୁଆକୁ ଧରି ମୋ ଅଫିସ୍‌ରେ ପହଞ୍ଚିଲେ । ମୁରବୀ ଜଣଙ୍କ ଅନ୍ୟଆଡ଼େ କାମ ଅଛି କହି ଚାଲିଗଲେ । ମୁଁ ତାଙ୍କୁ ଗାଁରେ ପହଞ୍ଚାଇ ଦେବାକୁ ପ୍ରତିଶ୍ରୁତି ଦେଲି । ଅଫିସ୍ କାମ ଶୀଘ୍ର ସାରି ମୁଁ ସେମାନଙ୍କୁ ଧରି ବଙ୍ଗଳାକୁ ଚାଲିଆସିଲି । ଆସିବା ଠାରୁ ବଙ୍ଗଳାରେ ପହଞ୍ଚିବା ପର୍ଯ୍ୟନ୍ତ ପମିଅପା ନୀରବ ।

ମୁଁ ପ୍ରଥମେ ଆରମ୍ଭ କଲି.... ପମିଅପା.... ତୁମେ ମୋତେ ଏତେ ପର ବୋଲି କାହିଁକି ଭାବିଲ ? ମୁଁ କ'ଣ ତୁମର ଯୋଗ୍ୟ ନୁହଁ ? ସେ ହଠାତ୍ କହିଉଠିଲେ... ରାଜୁ ପିଲାମାନେ କାହାଁନ୍ତି ? .... ମାନେ ତୁମର ସ୍ତ୍ରୀ କି ପିଲାକିଛି... । ମୋ ଆଖିର ଲୁହକୁ ଛପାଇ ରଖିବାକୁ ଚେଷ୍ଟା କଲି । କିନ୍ତୁ ପାରିଲିନି । ଅମାନିଆ ଲୁହଧାର ଦୁଇଆଖିରୁ ଗଡ଼ିଗଲା । ବାଷ୍ପରୁଦ୍ଧ କଣ୍ଠରେ ମୁଁ କହିଲି ମୋ ସଂସାର ତ ତୁମେ ଭାଙ୍ଗି ଚାଲିଗଲ । ଆଉ ମୋର ସଂସାର ଆସିବ କେଉଁଠୁ ? ମୁଁ ଲକ୍ଷ୍ୟ କଲି ସେ ମଧ୍ୟ କାନ୍ଦୁଥିଲେ । ମୁଁ ପଚାରିଲି.... ପମିଅପା କୁହ ତୁମର କ'ଣ ହେଲା ? ଏମିତି କ'ଣ ପାଇଁ କଲ ? .... ସେ ଆରମ୍ଭ କଲେ ....

ଝିଅ ଜନମର ସହଚର ହେଲା ନିନ୍ଦା, ଅପବାଦ । ତାକୁ ସହିବା ସବୁ ଝିଅଙ୍କ ପକ୍ଷେ ସମ୍ଭବ ନୁହେଁ । ମୁଁ ବହୁତ ଚେଷ୍ଟା କଲି, କିନ୍ତୁ ପାରିଲିନି । ମୋ ପାଇଁ ଏତେ ସବୁ ଘଟୁଛି ଭାବି ନିଜକୁ ଶେଷ କରିଦେବି ବୋଲି ଭାବି ମୁଁ ବୋଉକୁ କିଛି ନ କହି ଚିଠି ଖଣ୍ଡେ ଲେଖିଦେଇ ରାତି ଅଧରେ ଘରୁ ଗୋଡ଼ କାଢ଼ି ଚାଲିଆସିଲି । ଭାବିଥିଲି ନଈକୁ ଡେଇଁ ଆତ୍ମହତ୍ୟା କରିଦେବି । ନିଶୁନ ନିର୍ଜନ ରାତିରେ ମୁଁ ଚାଲୁଥିଲି ହଠାତ୍ ମୁଁ.... ମୁଁ.... କାନ୍ଦ ମୋ କାନରେ ପଡ଼ିଲା । ମୁଁ ଚାରିଆଡ଼କୁ ଚାହିଁଲି । କିଛି ଦେଖାଯାଉନି ।

ପାଖରେ ଗୋଟିଏ ଗଛ ଦେଖା ଯାଉଥିଲା । ତା'ରି ପାଖରୁ ମୋତେ କାନ୍ଦଟା ଶୁଭୁଥାଏ । ମୁଁ ଭାବୁଥାଏ କେହି ଅଶରୀରି ବୋଧେ ମୋତେ ଡରାଇବାକୁ ଚେଷ୍ଟା କରୁଛି । ତଥାପି ସାହାସ ବାନ୍ଧି ଗଛ ପାଖକୁ ଗଲି । ଯାହା ଦେଖିଲି ଆଶ୍ଚର୍ଯ୍ୟ ହୋଇଗଲି । ଗୋଟିଏ ସାତଆଠ ବର୍ଷର ଝିଅ ଗୋଡ଼ରେ କୁନିପୁଅଟି ଶୋଇଛି । ଆଉ ଝିଅଟି ଭୟରେ କାନ୍ଦୁଛି । ମୁଁ ତାକୁ ପଚାରିଲି । ତୁମେ କିଏ ମା' ? ସେ କହିଲା.... ମୁଁ ରଞ୍ଜୁ । ଏ ମୋର କୁନି ଭାଇ ମୁଁ ପଚାରିଲି.... ତୁମେ ଏଠି ଏ ନିଛାଟିଆ ଜାଗାରେ ଏତେ ରାତିରେ କ'ଣ କରୁଛ ? ଆଉ କାନ୍ଦୁଛ କାହିଁକି ? .... ସେ କହିଲା ମୋ ମାଆକୁ ମୋ ମଦୁଆ ବାପା ମାରିଦେଲା । ଆଉ ଆମକୁ ବାଡ଼େଇ ଘରୁ ବାହାର କରିଦେଲା । ମୁଁ ପଚାରିଲି କାହିଁକି ? ସେ କହିଲା ମୋ ବାପା ଆଉ ଗୋଟେ ବାହା ହେବ ବୋଲି ଆମକୁ ବାହାର କରିଦେଲା । ମୁଁ ଛୁଆଟାକୁ ଧରି କୁଆଡ଼େ ଏତେ ରାତିରେ ଯିବି ବୋଲି ଭାବି ଏଇଠି ବସିଥିଲି । ମୋତେ ଭାରି ଡର ଲାଗିବାରୁ ମୁଁ କାନ୍ଦୁଥିଲି । ମୋ ମାଆ କଥା ମନେପଡୁଛି । ଆମେ ଦୁଇଜଣ ଦୁଇଦିନ ହେବ କିଛି ଖାଇନୁ । ପିଲାଟା ଭୋକରେ ଶୋଇପଡ଼ିଛି ।

ଏକଥା ଶୁଣିଲା ପରେ ମୋର ଏ ସମାଜ.... ଏ ଦୁନିଆ ପ୍ରତି ରାଗ ଘୃଣାରେ ହୃଦୟ ଭରିଗଲା । ତେବେ କ'ଣ କରିବି ? ଘରକୁ ତ ଆଉ ଫେରିବିନି । ମୁଁ ଶପଥ କଲି ଆଉ ମରିବିନି । ଏ ଛୁଆ ଦୁଇଟିଙ୍କୁ ନେଇ ମୁଁ ଏକ ଅନାଥ ଆଶ୍ରମ କରି ମଣିଷ କରିବି । ପିଲା ଦୁଇଟିକୁ ଧରି ମୁଁ ନଦୀ କୂଳକୁ ଗଲି । ସାହସର ସହିତ ଡଙ୍ଗାକୁ ଫିଟାଇ ନଦୀ ଅତିକ୍ରମ କରି ଚାଲିଆସିଲି ଏପଟ କୂଳକୁ । ଆସି ପହଞ୍ଚିଗଲି ଖଣ୍ଡାଏତ ପାଇକରା ଗାଁରେ । ଗ୍ରାମରେ ଘରେ ଘରେ ବୁଲି ମୋ ନିଜର ପରିଚୟ ଲୁଚାଇ ପିଲାଙ୍କ ଭବିଷ୍ୟତ କିପରି ଗଢା ହେବ, ଗାଁ ଲୋକଙ୍କୁ କହି ତାଙ୍କର ବିଶ୍ୱାସ ଜନ୍ମାଇଲି । ଅଳ୍ପଦିନ ମଧ୍ୟରେ ମୁଁ ସମସ୍ତଙ୍କର ହୃଦୟ ଜୟ କରିପାରିଲି । ସମସ୍ତଙ୍କର ସାହାଯ୍ୟ ସହାନୁଭୂତିରେ ମୁଁ ଏ ପର୍ଯ୍ୟନ୍ତ ଏ ଛୁଆ ଦୁଇଟିକୁ ଧରି ଧୀରେ ଧୀରେ ଆଗେଇ ଚାଲିଛି । ତା'ପରେ ତୁମ ସହିତ ଦେଖା ।

ମୁଁ କେବଳ ପମିଅପା ମୁହଁକୁ ଚାହିଁ ଦୀର୍ଘ ନିଶ୍ୱାସ ପକାଉଥିଲି । କେମିତି କହିବି ଏସବୁ ଛାଡ଼ି ଚାଲିଆସ, ଆମେ ଆମ ସଂସାର ଗଢିବା । ସାହାସ ହେଉ ନଥିଲା, କିନ୍ତୁ ପମିଅପାର ହୃଦୟରେ କେବଳ ମୁଁ ଅଛି; ଏ କଥା ମୁଁ ପରିଷ୍କାର ଆଭାଷ ପାଉଥିଲି । ରାତି ଅନେକ ହୋଇଥିଲା । ମୁଁ ଇଙ୍ଗିତ ଦେଲି ଯାଇ ଶୋଇବାକୁ । ସେ ଉଠିଗଲେ ଆର ରୁମ୍‌କୁ । ଆଉ ମୁଁ ଚାଲିଗଲି ମୋ ରୁମ୍‌କୁ । ବିଛଣାରେ ପଡି ଛଟପଟ ହେଉଥିଲି । ନିଦ ଆସୁ ନଥିଲା । ଆଖି ଚାହୁଁ ନଥିଲା । ବିଶ୍ରାମ ନେବାକୁ । ପୁଣି ସ୍ୱପ୍ନ ଦେଖିବାକୁ ପମିଅପା ଖୋରାକ ଯୋଗାଇ ଦେଲେ କିଏ ଜାଣେ ଏ ସ୍ୱପ୍ନ ସତ ହେବତ .... ? ସବୁ କଥା ଭାବୁ ଭାବୁ ମୋତେ ନିଦ ହୋଇଯାଇଛି । ପମିଅପା ଆସି ମୋତେ ହଲାଇ ଡାକି ଦେଲେ 'ରାଜୁ' ଉଠ.... ଅଫିସ୍ ଯିବ । ଡେରି ହେଲାଣି । ମୁଁ ଚମକି କରି ଉଠିପଡ଼ିଲି । ତରବରରେ ନିତ୍ୟକର୍ମ ସାରି ଆସି ଦେଖେତ ଜଳଖିଆ ପ୍ରସ୍ତୁତ । ମୁଁ ରାମୁ.... ରାମୁ.... (ଚାକର ନାମ) ଡାକିଲାରୁ ପମିଅପା କହିଲେ.... ଛୁଆ ଲୋକତ ମୁଁ ତାକୁ କହିଲି ଯା' ଘର ଆଡ଼େ ବୁଲିଆସିବୁ । ସେ ଆଜି ତା'ଘରକୁ ଯାଇଛି । ଆଉ ଏସବୁ... ମୁଁ ପଚାରିଲି ।

ମୁଁ କରିଛି, କାହିଁକି ମୁଁ କ'ଣ କରିପାରିବିନି ? ମୁଁ ମୁରୁକି ହସି ଖାଇ ବସିଲି । ପମିଅପା ଜୋତା ବ୍ରସ୍ କରିବାକୁ ଚାଲିଗଲେ । ପିଲାଦୁଇଟି ବାଧ୍ୟ ପିଲା ପରି ପମିଅପା କଥାରେ ଧିରସ୍ଥିର ହୋଇ ବସିଥାଆନ୍ତି । ମୁଁ ପମିଅପା ଅଜାଣତରେ ତାଙ୍କୁ ଚାହିଁ ରହିଥାଏ । ପମିଅପା ଡାଗିଦ୍ କଲା ପରି ଆସି କହିଲେ.... ଏ କ'ଣ ? ତୁମେ ଏ ପର୍ଯ୍ୟନ୍ତ ଖାଇନ ? ରହିଥା ମୁଁ ଆସୁଛି । ବେସିନ୍‌ରେ ହାତ ଧୋଇ ଆସି ପୁରି ଛିଣ୍ଡାଇ ମୋ ପାଟିରେ ଭର୍ତ୍ତିକଲାବେଳେ ମୁଁ ହାତକୁ ଧରି କାନ୍ଦି ପକାଇଲି । ସତେ ମୋର ବହୁ ପ୍ରତିକ୍ଷିତ ଆକାଶର କୁସୁମ ମୋ ହାତରେ ଆସି ପହଞ୍ଚିଛି । ସେ ମଧ କାନ୍ଦି କାନ୍ଦି କହିଲେ.... ରାଜୁ.... ଭଗବାନ୍ ଆମକୁ କ'ଣ ପାଇଁ ମିଳାଇଛନ୍ତି ମୁଁ ଜାଣିନି । କିନ୍ତୁ ମୁଁ ସବୁଦିନେ ତୁମର ହୋଇଥିଲି । ହୋଇଛି ଆଉ ହୋଇଥିବି ।

ମୁଁ ଆନନ୍ଦରେ ପମିଅପାଙ୍କୁ କୁଣ୍ଢାଇ ପକାଇଲି । ପିଲା ଦୁଇଟିଙ୍କ ଆଖିରୁ ଆନନ୍ଦର ଅଶ୍ରୁ ବହି ଯାଉଥିଲା । ମୁଁ ପମିଅପା ଠାରୁ ବିଦା ନେଇ ଅଫିସ୍‌କୁ ଚାଲିଆସିଲି । ମନ ଲାଗୁ ନଥାଏ ଅଫିସ୍‌ରେ । କେତେବେଳେ କାମ ସରିବ ମୁଁ ଯିବି । ଖାଇବା ଛୁଟିରେ ଅଫିସ୍‌ରୁ ବଙ୍ଗଳାକୁ ଆସିଲି । ଦେଖିଲି ପମିଅପା ମୋତେ ଅପେକ୍ଷା କରିଛନ୍ତି । ମୋତେ ଦେଖି ଖାଦ୍ୟ ପରଷି ଦେଲେ । କେତେ ପ୍ରକାର ରୋଷେଇ କରିଛନ୍ତି । ସବୁଗୁଡ଼ିକ ମୋର ପସନ୍ଦ । ତା'ହେଲେ ମୋର ପସନ୍ଦ ଅପସନ୍ଦ ବିଷୟ ସବୁ ପମିଅପାଙ୍କୁ ଜଣା । ମୁଁ କହିଲି ପମିଅପା ତୁମେ ନେଇଆସ । ସେ କହିଲେ.... ନାଇଁ.... ନାଇଁ ପିଲାମାନେ ଖାଇ ନାହାନ୍ତି । ମୁଁ ତାଙ୍କୁ ଖୁଆଇ ସାରିଲା ପରେ ଖାଇବି । ତୁମେ ରାତିକୁ ଆସ । ସାଥୀ ହୋଇ ଖାଇବା । ମୁଁ ଅତି ଆନନ୍ଦରେ ଚାଲିଗଲି ଅଫିସ୍‌କୁ । ସନ୍ଧ୍ୟା ଛ'ଟାରେ ମୁଁ ଘରକୁ ଆସି ଦେଖେତ ପମିଅପା ଠାକୁରଙ୍କ ପାଖରେ ସଞ୍ଜ ଦେଇ ପ୍ରାର୍ଥନା କରୁଛନ୍ତି । ପିଲାମାନେ ମଧ୍ୟ ଅତି ଭକ୍ତି ସହକାରେ ଭଜନ ଗାଉଛନ୍ତି, ମୋତେ ଦେଖି ଠାକୁର ଘରେ ପହଡ଼ କରି ରୁମ୍‌କୁ ଆସିଲେ । ରୋଷେଇ ସାରି ଖାଇବା ପରେ ପିଲାମାନେ ଶୋଇପଡ଼ିଲେ ।

ପମିଅପା ଆସି ପାଖରେ ବସିଲେ, କହିଲେ ରାଜୁ ମୁଁ କାଲି ଗାଁକୁ ଫେରିଯାଉଛି । ମୁଁ ଚମକି ପଡ଼ିଲି । ମୋ ମୁଣ୍ଡ ଝିମି ଝିମି ହୋଇଗଲା । ମୋ ଗଳା ଶୁଖିଗଲା । ମୁଁ ଅସ୍ୱସ୍ତି ମନେକଲି । ଚିତ୍କାର କରି ଉଠିଲି.... ପମିଅପା ମୁଁ ମରିଗଲେ ତୁମେ ସୁଖୀ ହେବ ତ ? ତେବେ ଠିକ୍ ଅଛି ମୋ ମୁହଁ ଆଉ ତୁମେ କାଲି ଦେଖିବନି । ମୁଁ ଯାଉଛି କହି ରୁମ୍‌ର କବାଟ ବନ୍ଦ କରିଦେଲି । ପମିଅପା ଅତି ବିକଳରେ କାନ୍ଦି କାନ୍ଦି କବାଟ ବାଡ଼େଇ ଡାକିଲେ । କବାଟ ଖୋଲ ରାଜୁ... ମୋର ଭୁଲ୍ ହୋଇଯାଇଛି । ମୋତେ କ୍ଷମା କର । କେତେ ସମୟ ପରେ ମୁଁ କବାଟ ଖୋଲିଲି । ପମିଅପା ମୋତେ କୁଣ୍ଢାଇ ପକାଇ କହିଲେ 'ରାଜୁ' ମୁଁ କ'ଣ ସତରେ ତୁମକୁ ଛାଡ଼ି ଚାଲିଯାଉଥାଆନ୍ତି, ମୁଁ ତୁମକୁ ପରୀକ୍ଷା କରୁଥିଲି ।

ଆକାଶରେ ଜହ୍ନ, ତା'ର ଶୁଭ୍ର ଜୋଛନା ଚାରିଆଡ଼େ ବିଞ୍ଚି ଦେଉଥାଏ । ସୁଲୁସୁଲିଆ ଥଣ୍ଡା ପବନ ଦେହ ମନକୁ ଶୀତାକ୍ତ କରିଦେଉଥାଏ । ପମିଅପା କୋଳରେ ମୁଁ ମୁଣ୍ଡ ରଖି ଶୋଇଥାଏ । ମୋ ମୁଣ୍ଡକୁ ଆଉଁସୁ ଆଉଁସୁ ପମିଅପା କ'ଣ କହିବାକୁ ଉଦ୍ୟତ ହେଲା ବେଳକୁ ମୁଁ କହିଲି ପମିଅପା ତୁମର ଏ ଦୁଇଟି ପିଲା କ'ଣ ମୋର ନୁହଁନ୍ତି ? ମୁଁ ତୁମକୁ କଥା ଦେଉଛି ଆମେ ବିବାହ ବନ୍ଧନରେ ବାନ୍ଧି ହେଲେ ମଧ୍ୟ ଆମର ଏହି ଦୁଇଟି ଛୁଆ । ସେଇମାନେ ଆମର ସବୁକିଛି । ଏହା କହି ମୁଁ ପମିଅପାଙ୍କୁ କୋଳକୁ ଟାଣିନେଲି । ପମିଅପା ଧେତ୍.... କହି ମୋତେ ଠେଲି ଦେଲେ । ଦୁଇଟି ଛୁଆ ଆମ ପିଠିରେ ନାଉ ହୋଇ ଆମ କପାଳକୁ ହସି ହସି ଚୁମା ବର୍ଷଣ କରୁଥାଆନ୍ତି ।

କୁଆ-କୋଇଲିଙ୍କର ମଧୁର କାକଳିରେ ଆମ ଚେତା ଫେରିଆସିଲା । ପମିଅପା ନିଜକୁ ସଜାଡ଼ କରୁଥିଲେ..... ।

ଗଣ୍ଡରପୁର, କଟକ

# ପାଉଁଶ କନ୍ୟା

-ପ୍ରାଚୀ ପ୍ରଯୁକ୍ତା

ରାତି ଦିନ ଘୁମୁରି ଘୁମୁରି ବୁଲୁଛି ପାଉଁଶ କନ୍ୟା, ପବନ ହାତରେ ତା'ଦୁଃଖର ବାରତା ଦେଉଛି ମୋତେ ନ୍ୟାୟ ମିଳୁ । ମୁଁ ନ୍ୟାୟ ଚାହେଁ, ଅପରାଧୀ ଦଣ୍ଡପାଉ, ସାରା ଦୁନିଆରୁ ଏହିପରି ନାରୀ ମାଂସ ଲୋଭି ରାକ୍ଷସର ମୃତ୍ୟୁ ହେଉ । ସଂସାରର ସୁସ୍ଥ ମାନସିକତା ଫେରି ଆସୁ ।

ପୁରୀ ଜିଲ୍ଲାର କେଉଁ ଅପନ୍ତରା ଗାଁର ଝିଅଟିଏ, ନା ତା'ର ଇତୁ । ଘରେ ବୁଢ଼ା ବାପମା'ଙ୍କୁ ଛାଡ଼ି ଦେଲେ ଆଉ ଗୋଟିଏ ଭାଇ ଅଛି । ବହୁତ ଅଭାବ ଅସୁବିଧା ମଧ୍ୟରେ ଝିଅଟି ପାଠପଢ଼ି ଯୋଗ୍ୟତା ହାସଲ କରିଛି, କିନ୍ତୁ ଅଭାବି ଘରର ତେଲଲୁଣ ସଂସାରକୁ ସାହାଯ୍ୟ କରବାକୁ ସେ ଚାକିରୀ ଖଣ୍ଡେ ଖୋଜୁଛି, ରୂପରେ ଗୁଣରେ ଅସମାନ୍ୟ ଥିଲେ ମଧ ଚାକିରୀ ଖୋଜି ଖୋଜି ନୟାନ୍ତ ହୋଇ ଗଲାଣି.... ଇତୁ । ତଥାପି ତା ମନରେ ନିରାଶର ଚିହ୍ନ ନଥିଲା, ସେ ସଂଗ୍ରାମ କରି ଚାଲିଥିଲା ।

ଦିନେ ସବୁ ପରିଶ୍ରମର ଅବସାନ ଘଟାଇ, ଇତୁ ଆଜି ପୁରୀ ଜିଲ୍ଲାର ଛୋଟିଆ ଗାଁରେ ପ୍ରାଇମେରୀ ସ୍କୁଲରେ ଶିକ୍ଷୟତ୍ରୀ ଚାକିରୀଟିଏ ପାଇଛି । ତା' ମନରେ ଯେତିକି ଆନନ୍ଦ, ତା ବୁଢ଼ା ବାପ ମା'ଙ୍କ ମନରେ ତା'ଠାରୁ ଶହେଗୁଣ ଆନନ୍ଦ ଭରି ଯାଇଛି । ଇତୁ ଆନନ୍ଦରେ ବାପ ମା'ଙ୍କ କୋଳରେ ଗଡ଼ି ଯାଉଛି । ଭାଇ କୁଳମଣି ମଧ ଆନନ୍ଦାଶ୍ରୁକୁ ଗାମୁଛାରେ ପୋଛି ଇତୁକୁ କୁଣ୍ଢାଇ ପକାଉଛି । ସ୍କୁଲରେ ଜଏନ୍ କଲାପରେ ସ୍କୁଲପିଲା ଇତୁ ଦିଦିକୁ ପାଇ ଭାରି ଖୁସି । ସମସ୍ତଙ୍କ ମୁହଁରେ ଇତୁ ଦିଦିର ପ୍ରଶଂସା, ଅନ୍ୟ ସହଯୋଗୀ ଶିକ୍ଷକ ଶିକ୍ଷୟତ୍ରୀ ମଧ ବହୁତ ଖୁସି । ଇତୁ ତା'ର ସରଳ ଓ ନମ୍ରତାର ବ୍ୟବହାରରେ ସମସ୍ତଙ୍କୁ ବାନ୍ଧି ରଖିଛି । ହସ ଖୁସି ଆନନ୍ଦରେ କିଛି ଦିନ କଟିଗଲା ।

ଇତୁର ଏ ସୁଖ ବେଶିଦିନ ରହିଲାନି, ତା ଭାଗ୍ୟ ଆକାଶରେ କଳା ବାଦଲ ଛାଇ ଗଲା । ଦିନେ ସ୍କୁଲର ପରିଦର୍ଶକ କ୍ଷେତ୍ରାନନ୍ଦ ଦକ୍ଷିଣକବାଟ ସ୍କୁଲକୁ ପରିଦର୍ଶନ କରିବାକୁ ଆସିଲେ । ଗାଁ ପରିମଳ ଧୋବା ତୁଠରୁ ପରି ଇତୁର ପ୍ରଶଂସା ସେ ଗାଁ ଭିତରକୁ ପସୁ ପସୁ ଜାଣି ପାରିଥିଲେ । ସ୍କୁଲରେ ପହଁଞ୍ଚି ସ୍କୁଲର ପରିବେଶ ଓ ଶୃଙ୍ଖଳିତ ଛାତ୍ର ଛାତ୍ରୀଙ୍କୁ ଦେଖି ସେ ଚକିତ ହେଲେ ମଧ ମନ ଭିତରେ ଆନନ୍ଦ ହେଉଥିଲେ । ଆଖି ତାଙ୍କର ଖୋଜି ବୁଲୁଥିଲା ମହିୟସୀ ଶିକ୍ଷୟତ୍ରୀଙ୍କୁ ଦର୍ଶନ କରିବାକୁ । ଖୋଜିଲା ଆଖି ତାଙ୍କର ଅଳ୍ପ ସମୟ ପାଇଁ ଅଟକି ଗଲା ଇତୁକୁ ଦେଖି, କାନ ଶୁଣିଥିଲା ଯାହା, ଆଖି ଦେଖିଲା ତା'ଠାରୁ ଅଧିକ । ଏଣୁ ଆଖିର କ୍ୟାମେରାରେ ଇତୁର ରୂପକୁ ବାନ୍ଧିନେଇ ଚାଲିଗଲେ ପରିଦର୍ଶକ କ୍ଷେତ୍ରାନନ୍ଦ ଦକ୍ଷିଣକବାଟ ।

ଇତୁ ଯେଉଁ ସ୍କୁଲରେ ଶିକ୍ଷୟତ୍ରୀ ଅଛି, ସେହି ସ୍କୁଲକୁ କ୍ଷେତ୍ରାନନ୍ଦ ବାରମ୍ବାର ପରିଦର୍ଶନ ଛଳରେ ଆସି ଇତୁପ୍ରତି ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରି ଯାଆନ୍ତି । ସେହି ଇଙ୍ଗିତ ଦ୍ୱାରା ଇତୁ ତା ମନର ଭାଷାକୁ ପଢ଼ି ମର୍ମାହତ ହେଉଥିଲା । ଇତୁ ଘରର ଦୂରତା ପାଇଁ

ଯେଉଁ ଘରେ ଭଡ଼ା ରହୁଥିଲା, ସେ ଭଡ଼ା ଦରମା ଠାରୁ ଅଧିକ ଥିବାରୁ ଇତୁ ସ୍କୁଲ ଛାତ୍ରୀ ନିବାସରେ ରହିବାକୁ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ନିବେଦନ କଲା । ଇତୁ କୃତି ଶିକ୍ଷୟିତ୍ରୀ ହୋଇଥିବାରୁ ତା'ର ନିବେଦନକୁ ସମ୍ମାନ ଜଣାଇ ତାକୁ ଛାତ୍ରୀ ନିବାସରେ ସ୍ଥାନ ଦିଆଗଲା, କିନ୍ତୁ ଦକ୍ଷିଣକବାଟଙ୍କର ଲୋଲୁପ ଦୃଷ୍ଟିରୁ ଇତୁ ବର୍ତ୍ତିପାରୁନଥିଲା । ତିନ୍ତୋଟି ସ୍ତ୍ରୀର ସ୍ୱାମୀ ଏବଂ ତିନିଶହ ଝିଅଙ୍କର ଦେହର ମାଂସ ତା'ର କ୍ଷୁଧା ମେଣ୍ଟାଇ ପାରୁନଥିଲା । ସେ ସବୁବେଳେ ଇତୁକୁ ଭୋକିଲା ଆଖିରେ ଚାହିଁ ରହୁଥିଲା । ଇତୁ ଏ ପ୍ରକାର ବ୍ୟବହାରରେ ଭାରସାମ୍ୟ ହରାଇ ବିଭିନ୍ନ ମହଲରେ ନିଜର ଆପତ୍ତି ଜଣାଇଲା । ମନ୍ତ୍ରୀ ଠାରୁ ମନ୍ତ୍ରୀସା ପର୍ଯ୍ୟନ୍ତ କେଉଁ ମହଲକୁ ଇତୁ ଛାଡ଼ିନି ।

ଭାରତୀ ବୋଲି ଜଣେ ଓକିଲ ଛାତ୍ରୀ ଇତୁକୁ ସାହାଯ୍ୟ କରିବାକୁ ହାତ ବଢ଼ାଇଲେ, ବାରମ୍ବାର ବିଫଳ ତାର ପାହାଚରୁ ଖସି ଖସି ଦିନେ ସଫଳତାର ପ୍ରଥମ ପାହାଚରେ ଇତୁ ପାଦ ଦେଲା । ତାହା ହେଲା କ୍ଷେତ୍ରାନନ୍ଦଙ୍କର ନିଲମ୍ବିତ । ତା' ମନ ଭିତରେ କାମନା ଜର୍ଜରିତ ପ୍ରତିଶୋଧର ନିଆଁ ଜଳି ଉଠିଲା, ତୁ ମୋର ନ ହେଲେ, ଆଉ କାହାର ହୋଇପାରିବୁନି । ଷଡ଼ଯନ୍ତ୍ର କରି ଆତତାୟୀକୁ ଉତ୍କୋଚ ଦେଇ ଇତୁ ପାଖକୁ ପଠାଇଦେଲା । ଆଉ ଫଳାଫଳକୁ ଅପେକ୍ଷା କଲା । ଆତତାୟୀ ଇତୁ ଶୋଇଥିବା କୋଠରୀରେ ପହଞ୍ଚି ଇତୁ ଉପରେ କିରାସିନି ପକାଇ ନିଆଁ ଲଗାଇ ଦେଲା । ଇତୁ ଯନ୍ତ୍ରଣାରେ ଛଟପଟ ହୋଇ ଚିତ୍କାର କଲା ଇତୁ ସପକ୍ଷର ଜନତା ଇତୁକୁ ଉଦ୍ଧାର କରି ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଲେ ।

ଜର୍ମିଉଠିଲା ସାରା ରାଜ୍ୟ, ଗର୍ଜି ଉଠିଲା ଭାରତୀ, କୋର୍ଟ କଚେରୀ ହୁଲସ୍ଥୁଲ କରି ପକାଇଲେ, କିନ୍ତୁ ନବେଭାଗ ପୋଡି ଯାଇଥିବା ମରଣ ସହିତ ଯୁଦ୍ଧ କରୁଥିବା ପୀଡ଼ିତା ଇତୁ ସବୁଦିନ ପାଇଁ ଆଖିବୁଜି ଦେଲା । ତା' ମର ଶରୀରକୁ ପୋଡି ପାଉଁଶ କରି ଦିଆଗଲା । ସେଇ ପାଉଁଶ କନ୍ୟା ଇତୁ ନ୍ୟାୟ ପାଇଁ କାନ୍ଦି ବୁଲୁଥିଲା । ସମୟରେ ଆଜି ଶୁଣା ପାଇଲ କ୍ଷେତ୍ରାନନ୍ଦ ଦକ୍ଷିଣକବାଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ, କିନ୍ତୁ ଆଜି ବହୁ ଅପେକ୍ଷାରେ ସମାପ୍ତ ଘଟିଥିଲେ ମଧ୍ୟ ଆଜି ବି ତା'ର ଶାଖା ପ୍ରଶାଖା ନିର୍ଭୟରେ ଘୁରି ବୁଲୁଛନ୍ତି । ଜନତାଙ୍କ ଉଦ୍ୟମ ଆଜି ମଧ୍ୟ ଜାରି ରହିଛି, କିନ୍ତୁ ପାଉଁଶ କନ୍ୟାର ଲୁହରେ ପାଉଁଶ ଓଦା ହୋଇ ପଞ୍ଚମହାଭୂତରେ ମିଶିଯାଇଛି ।

ଆଜି ବି ପ୍ରଶ୍ନ ଉଠେ, ଏ ପ୍ରକାର ବିଭତ୍ସତା ସୃଷ୍ଟି କରୁଥିବା ନାରୀମାଂସ ଖିଆ ରାବଣର ଅନ୍ତ ଆମେ କ'ଣ କରି ପାରିବାନି ? ଯଦି ହଁ.... ତେବେ ଆଉ ଡେରି କାହିଁକି ?......

ନିଳାଦ୍ରିବିହାର, କଟକ

# ନିଃସଙ୍ଗ ଜୀବନ

-ବିଚିତ୍ରାନନ୍ଦ ପଣ୍ଡା

ବୈଶାଖ ମାସର ଝାଞ୍ଜି ପବନରେ ଡହଳ ବିକଳ ହେଉଥିବା ରୁଦ୍ରପ୍ରତାପ ଚୌକି ଖଣ୍ଡେ ଧରି ଖୋଲା ଆକାଶ ତଳେ ବସିପଡ଼ିଲେ ଏକାନ୍ତରେ । ଅତୀତର ଅଙ୍ଗେଲିଭା କାହାଣୀକୁ ମନେପକାଇ ବାରମ୍ବାର ଭାଙ୍ଗିପଡୁଥିଲେ ରୁଦ୍ରବାବୁ । ଅଙ୍ଗେଲିଭା କାହାଣୀ ପେଡ଼ିରୁ ଫର୍ଦ୍ଦ ଫର୍ଦ୍ଦ କରି ଜୀବନ ପୃଷ୍ଠାର ସାର କଥାତକ ଭାବି ଭାବି ଲୋତକାଶ୍ରୁରେ ଅଜାଣତରେ ସ୍ନାନ କରିସାରିଥାନ୍ତି କେତେବେଳୁ । ଭାସିଯାଉଥିବା ବାଦଲର ମଝିରେ ଯେଉଁ ତାରାଗୁଡ଼ିକ ଦୃଶ୍ୟମାନ ହେଉଥାନ୍ତି ତାକୁ ଜୁଳୁଜୁଳୁକା ପରି ନିର୍ନିମେଶ ନୟନରେ ଚାହିଁ ରହିଥାନ୍ତି ରୁଦ୍ରବାବୁ ଫଟାଫଟା ହୃଦୟରେ ଲୁହ ଓ କୋହକୁ ସଜୋରେ ଚାପିରଖି ।

ଇତ୍ୟବସରରେ ଗେହ୍ଲି ଗେହ୍ଲି କଥା କହି ମନ ମୋହୁଥିବା ଗୋଲାପ ନାମ୍ନୀ ଝିଅଟିଏ ଚୁପି ଚୁପି ଆସି ରୁଦ୍ରବାବୁଙ୍କ କାନରେ 'ହୋ' କରି କହି ଦେବାରୁ ରୁଦ୍ର ଧଡ଼ାସ୍‌କରି ଚମକି ପଡ଼ିଲେ । ଗୋଲାପର ବୟସ ବାରରୁ ତେର ଭିତରେ ଗତି କରୁଥାଏ । ଅତି ଫୁଲେଇ ଝିଅଟିଏ । ଫୁଲେଇ ଫୁଲେଇ କଥାଗୁଡ଼ାକ ବୁଲେଇ ବଙ୍କେଇ କହୁଥିବାରୁ କିଏ ତାକୁ ଫୁଲେଇ ବୋଲି ଡାକେ ତ ଆଉ କିଏ ବୁଲି ଓ ବାଙ୍କି ବୋଲି ଡାକିଥାନ୍ତି ।

ରୁଦ୍ରବାବୁ ବିଜୁଳିକୁ ସମ୍ବୋଧନ କରି କହିଲେ, ଆଲୋ ବିଜୁଳି ତୁ କେତେ ବେଳେ ଆସିଲୁ ? ବିଜୁଳି କହିଲା - ମୁଁ ଏଇନା ଆସିଲି । ତେବେ ଆପଣ ଆକାଶକୁ ଚାହିଁ କ'ଣ ଦେଖୁଛ କି ? ନିରୁତ୍ତର ଥିଲା । ବହୁତ ଭଲ ଝିଅଟିଏ ଗୋଲାପ । ସମସ୍ତଙ୍କୁ ନିଜର କରିବାର ଭଲ ଗୁଣଗୁଡ଼ିକ ତା' ପାଖରେ ଭରପୂର ରହିଛି । ଆଉ ମଧ ଭଲ ପଢୁଥିବାରୁ ଘରଲୋକ ବ୍ୟତୀତ ଗାଁ ଓ ଆଖପାଖର ଗାଁ ଲୋକମାନେ ଭାରି ଭଲ ପାଆନ୍ତି ତାକୁ । ପାଠରେ ଯେମିତି ଶାଠରେ ମଧ ସେମିତି । ଗୀତ ଗାଇବା, ନାଚିବା, ତାରକସୀ କାମ କରିବା, ସଂକଳ୍ପବଦ୍ଧ ଭାବେ ପ୍ରତିଦିନ ଗାଁ ଠାରୁ ଆରମ୍ଭ କରି ରାସ୍ତା କଡ଼ ଓ ଢ଼ିପ ଜମିରେ ଗୋଟାଏ ଲେଖାଏଁ ଗଛ ଲଗେଇବା ଏବଂ ଗାଁ ପରିମଳ ସଫା ରଖିବା ଓ ମହାପୁରୁଷଙ୍କ ଜୀବନୀ ପାଠ କରିବା ତା'ର ନିତିଦିନିଆ ଅଭ୍ୟାସ ।

ଘରର ଆସବାବପତ୍ରକୁ ସଜାଡ଼ି ରଖିବା ତା'ର ଆଉ ଗୋଟିଏ ସଉକ । ନାରୀ ଚରିତ୍ରରେ ସୀତା, ସାବିତ୍ରୀ ଓ ଅହଲ୍ୟାଙ୍କ କଥା ଶୁଣି - ସ୍ନେହ ଚରିତ୍ର ଓ ଗୁଣବତ୍ତାକୁ ନିଜ ଭିତରେ ପ୍ରତିଫଳିତ କରି ଭବିଷ୍ୟତରେ ନିଜକୁ ଏକ ଆଦର୍ଶ ନାରୀ ଭାବେ ପ୍ରମାଣିତ କରିବା ପାଇଁ ମନେ ମନେ ଶପଥ ନେଇଥାଏ ବିଜୁଳି ।

ଯଦିଓ ଗୋଲାପ ତା'ର ବାସର ଚହଟକୁ ରୁଦ୍ରବାବୁଙ୍କ ଚାରିପଟେ ବିଞ୍ଚି ଦେଇଥିଲା – ତଥାପି ଗୋଲାପକୁ ଭଲ ପାଉଥିବା ରୁଦ୍ରବାବୁ ତାକୁ ଆଦର ନକରି ସେଇ ଆକାଶକୁ ପୁଣିଥରେ ନିରୀକ୍ଷଣ କରିବାକୁ ଲାଗିଲେ । ଗେଲବସରିଆ ଗୋଲାପ ମନରେ ଅନେକ ପ୍ରଶ୍ନ ଉଙ୍କ ମାରିଲା । ଯେଉଁ ଦିବ୍ୟ

ଆତ୍ମନ ଗୋଲାପକୁ ଦେଖୁ ଦେଖୁ କାଖେଇ କୋଳେଇ ଗେଲ କରନ୍ତି ତାଙ୍କର ଆଜି କ'ଣ ହୋଇଛି ଯେ କିଛି କଥା କହିବାକୁ ନାରାଜ । ମନକୁ ଜିଣି ପାରୁଥିବା ଝିଅଟିଏ ସେ । ମନର କଥା ନ ବୁଝିବା ପର୍ଯ୍ୟନ୍ତ ମନ ତା'ର ଗୁରେଇ ତୁରେଇ ହେଉଥାଏ । ନିଜକୁ ସମ୍ଭାଳି ନପାରି ରୁଦ୍ରବାବୁଙ୍କୁ ପଚାରିଲା ହେ ବଡ଼ ! ବଡ଼ ମ ! ତମେ ଆକାଶକୁ ଚାହିଁ କ'ଣ ଦେଖୁଛ, ତମର ଆଜି ହେଇଛି କ'ଣ ? ତମେ ଯଦି ମୋ ସହିତ କଥା ନ ହେବ ତମର ମୋର କଟି । ରୁଦ୍ରବାବୁ ଛଳଛଳ ଆଖିରେ ଗୋଲାପକୁ କୋଳେଇ ନେଲେ ଏବଂ ତା' ପିଠି ଥାପୁଡେଇ କହିଲେ – ନାଇଁରେ ମା' ସେମିତି କିଛି କାରଣ ନାହିଁ । ଦିନବେଳା ଗୁଳୁଗୁଳିଆ ଖରା ସାଙ୍ଗକୁ ରାତିରେ ଝାଞ୍ଜି ପବନର ଅସହ୍ୟ ତାତି ସହି ନ ପାରି ଆକାଶକୁ ଚାହିଁ ଭାସିଯାଉଥିବା ବାଦଲର ଲୁଚକାଳି ଖେଳ ଦେଖି ବେଶ୍ ଆନନ୍ଦ ପାଉଥିଲି । ତୁ ସେତିକି ବେଳେ ଆସିଲୁ ତ ତେଣୁ .....

ଆଚ୍ଛା ତୁ ବିଦ୍ୟାଳୟରେ କ'ଣ ପଢ଼ିଲୁ । ପାଠପଢ଼ାରେ ମନ ଦେଉଛୁ ତ ? ମନଦେଇ ପଢୁଥା । ମୁଁ ଘରକୁ ଗଲେ ତୋତେ କିଛି ମହାପୁରୁଷଙ୍କ ଜୀବନୀ ଦେବି ପଢ଼ିବା ପାଇଁ । ଯଦ୍ୱାରା ଚରିତ୍ର ଗଠନ, ସମାଜର ସାମାଜିକ କଲ୍ୟାଣ, ସେବା ଦେଶପ୍ରେମ ସବୁକିଛି ମାର୍ଗଦର୍ଶନ ପାଇପାରିବୁ । ଉକ୍ତ ବାଣୀଗୁଡ଼ିକ ତୋ ଭିତରେ ବସା ବାନ୍ଧିବାର ସ୍ଥାନ ମୁଁ ସ୍ପଷ୍ଟ ଭାବରେ ଦେଖିପାରୁଛି ।

ମନଭୁଲାଣିଆ କଥାରେ ଭୁଲିଯିବା ଝିଅ ନୁହେଁ ଗୋଲାପ । ତା' ହୃଦୟ ଭିତରେ ଗୋଟିଏ ବାର୍ତ୍ତା ଘୂରିବୁଲୁଥିଲା, ଆଜି ମୋ ବଡ଼ର କ'ଣ ହୋଇଛି । ସେତକ ନ ଜାଣିବା ପର୍ଯ୍ୟନ୍ତ ମୁଁ ଏଠାରୁ ଯିବି ନାହିଁ କି ପାଠ ପଢ଼ିବି ନାହିଁ । ଯେଉଁ ବଡ଼ କହୁଥିଲେ, ଗୁରୁଜନମାନଙ୍କ ମନରେ ଦୁଃଖ ଦେବ ନାହିଁ । ଯଦି କେହି ଗୁରୁଜନ ବ୍ୟକ୍ତି ଅସନ୍ତୁଷ୍ଟ ବିମୁଖ ଓ ମନ କଷ୍ଟ ଥିବେ ତାଙ୍କୁ ଖୁସି କରାଇବା ପାଇଁ ଉପାୟ ବାହାର କରିବ । ଅଥଚ ସେହି ମହାନ୍ ଆଦର୍ଶ ପୁରୁଷ ମୋତେ କିଛି ଲୁଚାଇବାକୁ ଚେଷ୍ଟା କରୁଛନ୍ତି । ମୁଁ ଜାଣିପାରୁଛି ତାଙ୍କ ଭିତରର କୋହକୁ । ଯଦିଓ ସେ ଚାପି ରଖିବାକୁ ଚେଷ୍ଟା କରୁଛନ୍ତି ତଥାପି ତାଙ୍କ ଆଖି କହୁଛି ତାଙ୍କ ଭିତରର ଦୁଃଖର କାହାଣୀ । ଅନ୍ୟ ଉପାୟ ନ ପାଇ ଗୋଲାପ ବଡ଼ଙ୍କ ଗୋଡ଼ତଳେ ଲମ୍ବ ହୋଇ ପଡ଼ିଗଲା । ଯଦି ତମେ ତମର ମନକଥା ମତେ ନ କହିବ - ମୁଁ ଆଜି ଖାଇବି ନାହିଁ କି ପଢ଼ିବି ନାହିଁ କି ଏଠାରୁ ଉଠିବି ନାହିଁ ।

ରୁଦ୍ରପ୍ରତାପର ମନ ଚହଲିଗଲା ଗୋଲାପର ଏଇ ପଦଟିଏ କଥାରେ । ମନେ ମନେ ଭାବିଲେ ତତେ ଯେଉଁ ମା' ଜନ୍ମ ଦେଇଛି, ସେ ମା'ଙ୍କୁ ମୋର କୋଟି ପ୍ରଣାମ । ଭବିଷ୍ୟତରେ ତୁ ଯେତେବେଳେ ମା' ହେବୁ ତୁ ହିଁ ଜନ୍ମ ଦେଇପାରିବୁ ଅନେକ ସାଧୁସନ୍ଥ, ମୁନିଋଷିମାନଙ୍କୁ । ଏଇଭଳି ମା'ମାନେ ଯଦି ଜନ୍ମ ନେବେ ଏ ଧରିତ୍ରୀରେ ରାମରାଜ୍ୟକୁ ଇଟାଖଣ୍ଡରେ ଯୋଡ଼ିବା ପରିବର୍ତ୍ତେ ସୃଷ୍ଟି ହୋଇସାରିଥିବ ରାମରାଜ୍ୟ । ଲକ୍ଷ ଲକ୍ଷ ରାବଣକୁ ବିନାଶ କରିବା ପାଇଁ ତୋ ପରି ଝିଅର ଆବଶ୍ୟକତା ଅଛି ।

ମନେ ମନେ ଏକଥା ଭାବି ହଠାତ୍ କୋଳେଇ ନେଲେ ଗୋଲାପକୁ । କୋହକୁ ଚାପିରଖି ପାରିଲେନି ରୁଦ୍ରପ୍ରତାପ । ଏତେ ଜୋରରେ ଗୋଲାପକୁ ଚାପି ରଖିଥିଲେ ରୁଦ୍ର ଯାହାକି ଯନ୍ତ୍ରଣାରେ ଛଟପଟ ହେଉଥିବା ମନ ଆସ୍ତେ ଆସ୍ତେ ପ୍ରଶମିତ ହେବାକୁ ଲାଗିଲା । ଅବୁଝା ଝିଅକୁ ବୁଝାଇ ହେବନି ଭାବି ରୁଦ୍ରବାବୁଙ୍କ ମନରେ ଉଙ୍କି ମାରୁଥିବା

ଅସମାହିତ ପ୍ରଶ୍ନଗୁଡ଼ିକୁ ଗୋଟି ଗୋଟି କରି ବଖାଣିବାକୁ ଲାଗିଲେ । ଗଳ୍ପ ହେଉ ବା କାହାଣୀ - ସତ ଥାଉ କିମ୍ବା ମିଛ ଥାଉ ବୁଢ଼ୀମା'ଙ୍କର ମୂଲ୍ୟବାନ୍ ଗଳ୍ପସବୁ ମନେପଡ଼ିଗଲା । ପିଲାଦିନେ ଅଝଟ ହେବାରୁ ବୁଢ଼ୀମା' ମୋତେ ଆକାଶରେ ଫୁଟିଥିବା ତାରାଗୁଡ଼ିକୁ ଦେଖାଇ କହୁଥିଲେ – ହେଇ ଦେଖ ରୁଦ୍ର, ତୋ ଜେଜେ କେମିତି ଆକାଶରେ ତାରା ହୋଇ ତୋତେ ହାତଠାରି ଡାକୁଛନ୍ତି । ମୁଁ ସେତେବେଳେ କହିଥିଲି - ଠାକୁମା', ଜେଜେ କାହିଁକି ଆସୁନାହାନ୍ତି । ଜେଜେ ଆଜି ନ ଆସିଲେ ମୁଁ ଆଦୌ ଖାଇବି ନାହିଁ । ଠାକୁମା କହୁଥିଲେ - ଥରେ ଯିଏ ଆରପାରିକୁ ଯାଆନ୍ତି, ସିଏ କ'ଣ କେବେ ଫେରନ୍ତି । ସେଠି ପରା ତୋ ଜେଜେ ସାଙ୍ଗ ମଇତର ବାନ୍ଧି ଆନନ୍ଦରେ ଅଛନ୍ତି । ଆମକୁ ଆଉ ପଚାରିବେ ନାହିଁ କି ଆମକଥା ଆଉ ମନେପଡ଼ିବ ନାହିଁ । ଏକଥା ଠାକୁମା' କହି ଭୋ ଭୋ ହୋଇ କାନ୍ଦିପକାଇଲେ । ମୋର ଠିକ୍ ମନେଅଛି ଗୋଲାପ..... ମୋର ଠିକ୍ ମନେଅଛି ।

ଗୋଲାପ କହିଲା – ତମେ କ'ଣ ସେହି ଦିବ୍ୟ ଆତ୍ମନ ଜେଜେଙ୍କୁ ଖୋଜୁଛ ? କ'ଣ ଦେଖିପାରିଲ ତମ ଜେଜେଙ୍କୁ ? ମୁଁ ବି ମୋ ଜେଜେଙ୍କୁ ଦେଖିବି - ଟିକେ ଦୟାକରି ଦେଖେଇ ଦିଅନା । ତମେ ଆଗ ଦେଖିସାର ମୋ କଥା ପଛେ ଚିନ୍ତା କରିବ ।

ବଡ଼ ବ୍ୟଥିତ ମନରେ ରୁଦ୍ରବାବୁ ଗୋଲାପକୁ କହିଲେ - ହଁରେ ମା, ମୋ ଜେଜେଙ୍କ ସହିତ ତୋ' ମା'ଙ୍କୁ ବି ଖୋଜୁଛି । ଆଜକୁ ଦୁଇ ବରଷ ହେଲା ତୋ ମା'ଆରପାରିକୁ ଚାଲିଗଲା । ସେ ସିନା ଆନନ୍ଦରେ ଚାଲିଗଲା, ସେହିଦିନ ଠାରୁ ମୁଁ ତାକୁ ଝୁରିଝୁରି ଜିଇଁଥାଇ ମଧ ପ୍ରତି ମୁହୂର୍ତ୍ତରେ ମରିଚାଲିଛି । ଥୁଣ୍ଟା ଗଛଟାର ଆଉ କ'ଣ ବଳ ନା ବୟସ ଅଛି ଯେ ସିଏ ଅନ୍ୟକୁ ଛାଇ ପ୍ରଦାନ କରିବ ନା ତା' ଛାଇତଳେ କିଏ ବିଶ୍ରାମ ନେବ । କର୍ମକୁ ଆଦରି ଢ଼ୋକେ ପିଇ ଦଣ୍ଡେ ଜୀଇଁବାର ଯନ୍ତ୍ରଣାକୁ ସହି ନ ପାରି ତୋ' ମା'କୁ ତାରା ମେଳରେ ଖୋଜୁଛି ।

ଗୋଲାପ ନରମ ଗଳାରେ କହିଲା – କ'ଣ ମା'ଙ୍କୁ ପାଇଲ ? ଟିକେ ଆଗରୁ କହୁଥିଲ ପରା ସେମାନେ ଆରପଟେ ପରିବାର ଗଠନ କରି ଆକାଶରେ ରହୁଛନ୍ତି । ତମ ସହିତ ଘରସଂସାର କରିବାର ମୋହକୁ କ'ଣ ପାସୋରି ଦେଲେ ବଡ଼ । ତମେ ତାଙ୍କୁ ଏତେ ମନେପକାଉଛ ଅଥଚ ଠାକୁମା ଦିନକ ପାଇଁ ହେଲେ ବି ମନେ ପକାଉନାହାଁନ୍ତି । ମୁଁ ଜାଣିଛି, ତମେ ଜିଦ୍‌ଖୋର ପ୍ରବୃତ୍ତିର ହୋଇଥିବାରୁ ଠାକୁମା'ଙ୍କୁ ଗାଳି ଦେଇଛ କିମ୍ବା ତାଙ୍କୁ ବାଧିଲା ଭଳି କଥା କହିଛ, ସେଥିପାଇଁ ଠାକୁମା' ରୁଷିଛନ୍ତି ଅଥବା ରାଗିଛନ୍ତି ।

ନାରେ ମା ନା, ସେ କଥା କହନିରେ ମା । ମୁଁ ଯେତିକି ଦିନ ତା ସହିତ ଘର ସଂସାର କରିଛି ବା ମୁଁ ତାକୁ ଯେତିକି ଜାଣିଛି, ସିଏ ଗୋଟେ ଲକ୍ଷ୍ମୀ ପ୍ରତିମା ହୋଇଥିବାରୁ ମୋତେ ଅଲକ୍ଷ୍ମୀ କରି ସଧବା ବେଶରେ ଶଙ୍ଖା ସିନ୍ଦୂର ପିନ୍ଧି ତା' ବାଟରେ ସିଏ ଚାଲିଗଲା । ସେହିଦିନ ଠାରୁ ମୋ ହୃଦୟରେ ତାରାକୁ ତାରା ଭିତରେ ଖୋଜୁଛି । ଗୋଲାପ କହିଲା - ତମେ ସିନା ଠାକୁମା'ଙ୍କୁ ଖୋଜୁଛ, ହେଲେ ତାଙ୍କୁ ପାଇବ କେମିତି ? ସିଏ କ'ଣ ତମକୁ ଦେଖି ପାରୁଛନ୍ତି ?

ହଁରେ ଗୋଲାପ, ସିଏ ମୋତେ ଠିକ୍ ଦେଖିପାରୁଛି, ହେଲେ ଏତେଗୁଡ଼ିଏ ତାରା ଭିତରେ ମୁଁ ତାକୁ ଦେଖିପାରୁନିରେ ଗୋଲାପ । ଆଶା ମୋର ଆଶାରେ ରହିଯାଉଛି । ମୁଁ ଯାହାକୁ ଜୀବନ ଦେଇ

ଏତେଭଲ ପାଉଥିଲି ସିଏ ଯଦି ମୋ ଅବସ୍ଥାକୁ ବୁଝି ଦୁଃଖ କରିବ ତ କରୁ ନ ହେଲେ ତା' ସାଙ୍ଗ ମାଇତର ସାଙ୍ଗରେ ଖୁସିରେ ରହିବ ତ ରହୁ, ଯଦି ପାରିବ ତା' ପାଖକୁ ମୋତେ ନେଇଯାଉ । ଏହା କହି ରୁଦ୍ରବାବୁ ଭୋ ଭୋ କାନ୍ଦିବାକୁ ଲାଗିଲେ । ଗୋଲାପ ବଡ଼ଙ୍କୁ ରାଣ ନିୟମ ପକାଇ କହିଲା, ବଡ଼ ତମେ ପରା କହୁଥିଲ ଯିଏ ଆରପାରିକୁ ଯାଆନ୍ତି ସେମାନେ ଏ ମର୍ତ୍ତ୍ୟକୁ ଆସନ୍ତିନି । ତୁଚ୍ଛା ମରୀଚିକା ପଛରେ ନ ଦଉଡ଼ି ନିଜକୁ ଟିକେ ସମ୍ଭାଳ । ମୁଁ ବଚନ ଦେଉଛି - ଏ ଗୋଲାପ ବଚନ ଦେଉଛି - ତମ ନାତୁଣୀ ଆଜି ବଚନ ଦେଉଛି, ଆଜିଠାରୁ ମୁଁ ତମର ସେବା ଶୁଶ୍ରୂଷା ସବୁ କରିବି ।

ସକାଳେ ଠାକୁର ପୂଜା କଲାବେଳେ, ତମକୁ ପୂଜା ପାଦୁକା ଓ ଚନ୍ଦନ ଏବଂ ଭୋଗ ନିର୍ମାଲ୍ୟ ଯୋଗେଇ ଦେବି, ଠାକୁମା ଯେମିତି ସକାଳୁ ସକାଳୁ ତା' ତିଆରି କରିଦେଉଥିଲା - ମୁଁ ତା' ଆଣି ଦେବାରେ ଆଦୌ ଭୁଲ କରିବି ନାହିଁ । ତମ ଖାଇବା ପିଇବା ଓ ସ୍ୱାସ୍ଥ୍ୟ ସେବା ଅତି ଯତ୍ନର ସହ ନିର୍ବାହ କରିବି । ସନ୍ଧ୍ୟା ସମୟରେ ଗୀତା, ଭାଗବତ, ରାମାୟଣ ଶୁଣାଇଲା ପରେ ସେଥିରେ କି ଦିବ୍ୟତା ଅଛି ତମଠାରୁ ବୁଝିବି । ଶୋଇବା ସମୟ ହେଲେ ଶେଯ ପାରିଦେବି, ଗୋଡ଼ ମୋଡ଼ିଦେବି ଆଉ ମଧ ଗଳ୍ପ କହି ତୁମକୁ ଶୁଆଇ ଦେବି । ତୁମର ଏ ଗୋଲାପ ଅଛି ନା, ତୁମେ ଏତେ ଦୁଃଖ କାହିଁକି କରୁଛ ?

ଏତିକିରେ ରୁଦ୍ରବାବୁ ଗୋଲାପକୁ କୁଣ୍ଢେଇ ପକେଇ ଭୋ ଭୋ କାନ୍ଦିବାକୁ ଲାଗିଲେ । ତାଙ୍କ ହୃଦୟ ଭିତରୁ କଥା ପଦଟିଏ ବାହାରି ଆସିଲା - ଭଗବାନ୍ ତୋର ମଙ୍ଗଳ କରନ୍ତୁ । କୋଟି ପରମାୟୁ ଦିଅନ୍ତୁ । ତୋ ଚଲାପଥ କୁସୁମିତ ହେଉ । ତୋ' ଭଳି ଝିଅ ଏ ଭାରତବର୍ଷରେ ହଜାର ହଜାର ସଂଖ୍ୟାରେ ଜନ୍ମ ନେଲେ ଏ ମାଟି ସୁନା ହୋଇଯିବ, ଏ ଧରିତ୍ରୀ ଆଶ୍ୱସ୍ତି ଲାଭ କରିବ । ନାରୀମାନେ ତୋ' ଠାରୁ ଶିକ୍ଷାପାଇ ଏକ ସୁନ୍ଦର ପରିବାର ଗଠନର ପରିକଳ୍ପନାକୁ ସାର୍ଥକ କରିପାରିବେ । ଏହାପରେ ଗୋଲାପ ଜେଜେଙ୍କୁ ନେଇ ଘରେ ଛାଡ଼ିଲା । ଜେଜେ କହିଲେ ଆୟୁଷ୍ମତୀ ଭବଃ ।

ବାଙ୍ଗିଲପୁଟ୍ଟି, ପାତୁଆ, କୋରାପୁଟ

# ଶୃଙ୍ଖଳା ଓଠରେ ହସ

-ଟପନ କୁମାର ସାଇଁ

ଘଣ୍ଟାରେ ପାଞ୍ଚଟା ବାଜିଲାଣି, ଅଥଚ ଅଳସ ଭାଙ୍ଗୁନି । ଝରକା ଉପରେ ପ୍ରତିଦିନ ସକାଳୁ କୁଣ୍ଡାଖିଆ ଚଢ଼େଇଟି ଆସି ବସୁଛି, ଝରକାର କାଚରେ ଥଣ୍ଟ ପିଟୁଛି, ଯେମିତି ସେ କାହାକୁ ଶବ୍ଦ ମାଧମରେ ଡାକୁଛି । ସମ୍ବିତ ବାବୁ ଉଠିଗଲେ ବିଛଣାରୁ ଏତିକିବେଳେ ତଳ ଗେଟ୍‌ଟା କିଏ ଠକ୍ ଠକ୍ କଲାପରି ଶବ୍ଦ । ଉଠିଯାଇ ଦେଖିଲେ ଗେଟ୍ ପାଖରେ ବାର ତେର ବର୍ଷର ଝିଅଟିଏ । ଆଶ୍ଚର୍ଯ୍ୟ ! ଏତେ ସକାଳୁ କାହାକୁ ଖୋଜୁଛି ? ଘର ବଦଳାଇବାର ମାତ୍ର ଆଠ ନଅଦିନ ହେବ, ପୁଣି ଏ ଅଞ୍ଚଳ ମୋ ପାଇଁ ନୂଆ । ମୋତେ କିଏ ବା କାହିଁକି ଖୋଜିବ ? ଅନେକ ପ୍ରଶ୍ନକୁ ନେଇ ଭାବୁଭାବୁ ଗେଟ୍ ପାଖରେ ପହଞ୍ଚି ଯାଇଛନ୍ତି । ଗେଟ୍ ଆରପଟୁ ଝିଅଟି କହିଲା, ବାବୁ ! ଗେଟ୍ ଖୋଲନ୍ତୁ, ମୁଁ ପ୍ରାଚୀ, ଗେଟ୍ ଖୋଲୁ ଖୋଲୁ ଝିଅଟି ମୋର ପାଦଧୂଳି ନେଇ ପ୍ରଣାମ କଲା । କହିଲା, ଚାଲନ୍ତୁ ଚାଲନ୍ତୁ ବାବୁ ବହୁତ ଡେରି ହୋଇଗଲାଣି । ପତର ଫାଙ୍କରୁ ସୂର୍ଯ୍ୟ ଉପରକୁ ଉଠିଗଲେଣି । ଏଠୁ କାମ ସାରିଗଲେ ପୁଣି ଦିନେଶ ବାବୁଙ୍କ ଘରକୁ କାମ କରିବାକୁ ଯିବି । ଡେରି ହେଲେ ମା ଗାଳିଦେବେ । ଏହା କହିକହି ଘର ଭିତରକୁ ପଶିଯାଇ ଖୋଜି ପକାଉଥାଏ ତା'ର ନିତ୍ୟ ବ୍ୟବହାର ଚିଜ । ମୁଁ ଇତସ୍ତତଃ ହୋଇ ଚାହିଁଥାଏ ତାର ମୁହଁକୁ । ଅପରିଚିତ ଝିଅଟିର ମୋ ଘରେ ପୁଣି ସେ କ'ଣ ରଖିଛି ? ଯାହାପୁଣି ଡ୍ରଇଁ, ଡାଇନିଂ, ବେଡ୍‌ରୁମ୍ ସବୁଆଡେ ଖୋଜି ସାରିଲାଣି ତା'ର କାର୍ଯ୍ୟ କଳାପ ଦେଖି ମୁଁ ବିସ୍ମିତ । ନିଜକୁ ପ୍ରକୃତିସ୍ଥ କରି କହିଲି, ହେ ଝିଅ, ଶୁଣ ! ତୁମେ କ'ଣ ଆମକୁ ଆଗରୁ ଜାଣିଛ ? ମୁଁ ତ ତୋତେ କିଏ ଚିହ୍ନିନି କି ପୂର୍ବରୁ କେବେ ଦେଖିନି ହେଲେ.... ? ମୋ ପାଟିରୁ କଥା ଛଡ଼ାଇ ପ୍ରଗଲ୍‌ଭା ଝିଅଟି ଗପି ଚାଲିଲା । ଆପଣ ମୋତେ କିଛି ଚିହ୍ନିବା ଆବଶ୍ୟକ ନାହିଁ । ଏ ଗଳିରେ ମୁଁ ଘର ଝାଡୁପୋଛା ବାସନମଜା କାମ କରେ । ଯୋଉ ବାବୁମାନେ ଘର ବଦଳାଇ ନୂଆ ଆସନ୍ତି, ସେମାନେ ମୋତେ ହଠାତ୍ ଚିହ୍ନିବେ ବା କିପରି ? କିଛିଦିନ କାମ କଲାପରେ ଆପେ ଚିହ୍ନି ଯିବେନି ?

ଓହୋଃ ! ଏଥର ସବୁ ଜାଣିପାରିଲି । ହେଲେ ତ ପଚାରିବା କଥା, ତୁମ ଘର କାମ କରିବାର ଆବଶ୍ୟକତା ଅଛି କି ନା ? ମୋର ଉତ୍ତରକୁ ହେୟଜ୍ଞାନ କରି କହିଲା ଏଥିରେ ପଚାରିବାର କ'ଣ ଅଛି । ସହରରେ ବାବୁମାନେ ତ ରହନ୍ତି । ସେମାନଙ୍କର କାମବାଲିତ ନିହାତି ଦରକାର ନ ହେଲେ ସେମାନେ କ'ଣ କାମ କରିପାରିବେ ? ଏସବୁ ଅସନା କାମ ପାଇଁ ପରା ଗରିବ ଲୋକ ଅଥବା ତାଙ୍କ ପିଲାମାନେ ପେଟପୋଷିବା ପାଇଁ ଏସବୁ କାମକୁ ଆପଣେଇ ଦେଇଥାଆନ୍ତି । ନହେଲେ ସେମାନଙ୍କୁ କିଏ ବା କାହିଁକି ପୋଷିବ ? ସମୀକ୍ଷା, ଛୋଟପୁଅ ରୋହନ ବେଡ୍‌ରୁମ୍‌ରେ ଶୋଇଥାନ୍ତି । ସେମାନେ ଟିକିଏ ଡେରିରେ ଉଠନ୍ତି । ଏବେ ତ ପୁଅର ସ୍କୁଲ୍ ଛୁଟି । ସେଥିପାଇଁ ଆଉ ଟିକିଏ ଅଧିକ ସମୟ ମା'ପୁଅ ଶୋଇଛନ୍ତି । ଇତିମଧ୍ୟରେ ପ୍ରାଚୀ ଘର ଝାଡୁ କାମ କରି

ସାରିଥାଏ । ସମିତ୍ ବାବୁ ପଚାରିଲେ ଝିଅ, ପାଠ ନ ପଢ଼ି ଏ ବୟସରେ କାମର ବୋଝ ବାପ ମା' ଲଦି ଦେଲେ କାହିଁକି ? ଉତ୍ତରରେ ପ୍ରାଚୀ କହିଲା - ପାଠପଢ଼ିବାକୁ ଗଲେ ପେଟ ଅପୋଷା ରହିବ ବାବୁ ? ତା'ଛଡ଼ା ଆଜିକାଲି ପାଠ ପଢ଼ିବା କ'ଣ ଦରକାର । ପାଠପଢ଼ି ତ ବାବୁମାନଙ୍କ ଘରେ ଅନେକ ବେକାର ପୁଅଝିଅ ବସି ବାଧ୍ୟ ହୋଇ ଚୋରୀ, ଡକାୟତି ଠାରୁ ଆରମ୍ଭ କରି ଅନେକ ଖରାପ ଧନ୍ଦା କରୁଛନ୍ତି । ସରକାର କୁଆଡେ ପାଠ ପଢ଼ିବାକୁ ସରକାରୀ ବିଦ୍ୟାଳୟରେ ମାଗଣା ଖାଦ୍ୟ, ବହି, ପୋଷାକ ଯୋଗାଉଛନ୍ତି । ହେଲେ କ'ଣ ହେବ ! ଆମ ଭଳି ଗରୀବ ପିଲା ପାଠପଢ଼ି କ'ଣ କରିପାରିବୁ । ନା ଚାକିରୀ ଅଛି ନା ଆମ ରାଜ୍ୟରେ କଳ କାରଖାନା ଅଛି ଯେ ଯାଇ କାମକରି ପେଟ ପୋଷିବେ । ନହେଲେ ଦାଦନ ଖଟିବାକୁ ଅନ୍ୟରାଜ୍ୟ ବାହାରକୁ ଯିବେ । ବରଂ ପାଠ ନ ପଢ଼ି ବେଶ୍ ଆରାମରେ ବାବୁ ଘରେ କାମକରି ଚଳି ଯାଉଛୁ । ପିଲାଟିର ଦର୍ଶନ ତତ୍ତ୍ୱକୁ ଓ ସାମ୍ପ୍ରତିକ ଘଟଣା ବଳିକୁ ଯେପରି କଣ୍ଠସ୍ଥ କଲାପରି ଡଡ୍ ଡଡ୍ କହିଚାଲିଛି ଏବଂ ନିଜଘର ପରି ସବୁକାମ ନିଖୁଣ ଭାବେ କରିଚାଲିଛି । ମୁଁ ନି ଉତ୍ତର ! ଗୋଟିଏ ବାରତେର ବର୍ଷର ଝିଅ ପିଲାର ଚିନ୍ତା ଚେତନା ବି କୌଣସି ଶିକ୍ଷିତ ଲୋକଠାରୁ କମ୍ ନୁହେଁ । ଆଜିକାଲି ପାଠ ପଢ଼ିବା କେବଳ ନିରକ୍ଷରତାକୁ ସାକ୍ଷରରେ ପରିଣତ କରିବାଛଡା ଆଉ ବା କ'ଣ ହୋଇପାରେ । ଯାହା ବର୍ତ୍ତମାନ ର ଶିକ୍ଷାନିତୀ ନ କହିବା ଭଲ । ମନେ ମନେ ଧନ୍ୟବାଦ ଦେଉଥାଏ ଝିଅଟିର ମାର୍ଜିତ ଚିନ୍ତାଧାରାକୁ ।

ସକାଳ ପ୍ରାୟ ୮ଟା ହୋଇଗଲାଣି । ଝିଅଟି କାମସାରି ପଡ଼ିଶା ଘରକୁ ଯିବାପାଇଁ ପ୍ରସ୍ତୁତ ହେଉଥାଏ । ପଡ଼ିଶା ଘର ଦିନେଶ ବାବୁ ଜଣେ ପ୍ରଭାବଶାଳୀ ବ୍ୟକ୍ତି ବୋଧହୁଏ । ସକାଳୁ ସଞ୍ଜ ଯାଏ ଅନେକ ଗାଡ଼ି ଘର ସମ୍ନାରେ ପାର୍କ କରୁଛି । ଉପର ମହଲା ବାଲ୍‌କୋନୀ ଉପରେ ଦିନେଶ ବାବୁଙ୍କର ସ୍ତ୍ରୀ ଚାହିଁ ବସିଛନ୍ତି ପ୍ରାଚୀର ବାଟକୁ । ସମୟ ବହୁତ ହେଲାଣି ମୋ ସହ ଗପିଗପି ଗପୁଡି ଝିଅଟି ଧାଇଁଲା ଦିନେଶ ବାବୁଙ୍କ ଘରକୁ । କଲିଂ ବେଲ୍‌ଟା ଚିପିଧରିଲା । ଉପରୁ ଉତ୍ତର ଦେଲେ ଦିନେଶ ବାବୁଙ୍କ ସ୍ତ୍ରୀ, କାହିଁକି ଆଉ ଆସୁଛୁ ! ବାବୁଙ୍କର କଚେରିକୁ ଯିବା ବେଳ ହୋଇଗଲାଣି । ଘର ସେମିତି ଅପରିଷ୍କାର ହୋଇ ପଡିଛି । କ'ଣ କରିବି ମା' ! ପଡ଼ିଶାଘରକୁ ନୂଆ ବାବୁଜଣେ ଆସିଛନ୍ତି । ତାଙ୍କ ଘରେ କାମ କରୁ କରୁ ଟିକେ ଡେରି ହୋଇଗଲା । କହୁ କହୁ ଗେଟ୍ ଭିତରକୁ ପଶି ସାରିଥାଏ ପ୍ରାଚୀ । ଏତିକିବେଳେ ଗୁରୁଗର୍ଜନ ସ୍ୱର ଶୁଭିଲା । କେଉଁ ଏକ କଠୋର ବାଦୀ ପୁରୁଷ ନିଶ୍ଚୟ । ଆବେ ଏଇ ମୋତେ ଚିହ୍ନିଛୁ । କହୁ କହୁ ବସାଇଦେଲେ ଗାଲରେ ଏକ ଶକ୍ତ ଚାପୁଡ଼ା । ବଦ୍‌ମାସ ଟୋକି ଯାଣିନୁ ଏ ଏରିଆରେ ମୋର କ'ଣ ମାନସମ୍ମାନ । ତୁ ମୋ ଘରେ କାମ ନକରି କୋଉ ଭଡାଟିଆ ଘରେ ଆଗ କାମକରିବୁ ମାସକୁ ହଜାର ହଜାର ଟଙ୍କା ଗଣିନେଉଛୁ ତଥାପି ଆସିବୁ ଦିନ ୯ଟାରେ । ପିଲାଟି ଜଡ ପାଲଟି ଯାଇଥାଏ । ଚେନାଏ ମେଘଖଣ୍ଡ ଧକ୍‌କା ଖାଇଲାପରି ନିଗିଡି ଯାଉଥାଏ ତା' ଆଖିରୁ ଲୁହ । ନିର୍ବିକାର ନିରୁପାୟ ଛଡ଼ା ତା'ପାଖରେ ଆଉ କ'ଣ ଅସ୍ତ୍ର ଅଛି । ସରିନଥାଏ ଜୁଲମ୍, ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ । ଶୁଣି ଶୁଣି ସମ୍ଭାଳି ହେଉନଥାଏ ମନ ପୋର୍ଟିକୋ ତଳକୁ ଖସିଯାଇ ଦେଖିଲି ବିଶିଷ୍ଟ ବପୁବାନ ପୁରୁଷ । ଗୋରାତକ୍ ତକ୍ ଚେହେରା, ହାତରେ ଅଣ୍ଟାରୁ ଖୋଲି ଧରିଥାନ୍ତି ବେଲ୍ଟ

। ପରସ୍ତ ପରସ୍ତ ପିଟି ଚାଲୁଥାନ୍ତି ନିରିହ କୋମଳମତି ଶିଶୁଟି ଉପରେ । ଯିଏ ନିଜ ହାତରେ ଭଲକରି ମୁଠାଏ ଖାଇବା ଶିଖିନି । ନିଜକୁ ମୁଁ ଧିକ୍କାର କରୁଥାଏ । କାହିଁକି ଝିଅଟି ସହିତ ଏତେ ସମୟ କଥାହେଲି । ଯଦି ପୂର୍ବରୁ ଯାଣିଥାନ୍ତି ହୁଏତ ଶିଘ୍ର ପଠାଇ ଦେଇଥାନ୍ତି ଦିନେଶ ବାବୁଙ୍କ ଘରକୁ । ସେତିକିରେ ଦିନେଶ ବାବୁଙ୍କର ରାଗ ସୁଝିନଥାଏ । ପାଦରୁ ଚପଲ କାଢ଼ି ପିଟି ପିଟି ଝିଅଟିକୁ ଗେଟ୍ ବାହାରକୁ ଧକ୍କା ମାରି ଫିଙ୍ଗି ଦେଲେ । ଝିଅଟି ଗଡି ଗଡି ଆସି ଡ୍ରେନ୍ ଭିତରକୁ ଗଳି ପଡିଲା, ନିଜକୁ ଆଉ ସମ୍ଭାଳି ପାରିଲି ନାହିଁ । ବାହାରିଗଲି ଆମ ଘରର ଗେଟ୍ ବାହାରକୁ ଏକ ନିଶ୍ୱାସରେ.... ଦେଖିଲି ଝିଅଟି ଡ୍ରେନ୍ ଭିତରେ ପଡିଯାଇଥାଏ । ହାତବଢ଼ାଇଲି ଉଠେଇଆଣିବା ପାଇଁ, ହେଲେ ହାତ ପାଉନଥାଏ । ବାଧହୋଇ ଡ୍ରେନ୍ ଭିତରେ ପଶି ଝିଅଟିକୁ ଉଠାଇ ଆଣିଲି । ସେତେବେଳକୁ ପିଲାଟି ଚେତାହରାଇ ଦେଇଥାଏ । ସାରା ଶରୀର ଆବର୍ଜନା ପାଣିରେ ଜୁଡୁବୁଡୁ, ଉତ୍କଟ ଗନ୍ଧ । ତଥାପି ସମୟ ନଷ୍ଟ ନକରି ଘରକୁ ଟେକି ନେଇ ଆସୁଥାଏ । ବାହାରେ କିଛି ଲୋକଙ୍କର ଭିଡ଼ ଲାଗିଥାଏ ଦେଖେଣାହାରୀଙ୍କର । ପ୍ରାୟ ଦିନେଶ ବାବୁଙ୍କର ଘରକୁ ଆସିଥାଇ ପାରନ୍ତି । ଶୁଭୁଥାଏ ଓଃ ! ଭାରି ସମାଜସେବୀ ଟାଏ ଆସି ପହଞ୍ଚି ଯାଇଛି । ଦେଖୁନା କେମିତି ବୁଲା କାମବାଲୀ ଝିଅଟି ପ୍ରତି କେତେ ଅନୁକମ୍ପା... । ଭାବୁଥିଲି ଦୁଇପଦ ହାଣି ଦେବାପାଇଁ । ହେଲେ ସମୟ ହୁଏତ ସେୟା ଚାହୁଁନଥିଲା । ଝିଅଟିକୁ ଆଣି ପାଣିଛାଟି ସାଷ୍ଟମ କରି ବାଥ୍ରୁମ୍କୁ ନେଲାବେଳକୁ ଗାଧୋଇ ଦେବା ପାଇଁ ସମୀକ୍ଷା ଉଠିସାରିଥାନ୍ତି । ପଚାରିଲେ କିଏ ଏଇ ଝିଅ ? ଏମିତି ଅପରିଷ୍କାର ଆଉ ତମେ ମଧ ! କ'ଣ ହେଇଛି କ'ଣ ? ବିଚରା ପିଲାଟିର ଏପରି ଅବସ୍ଥା ହେଲା କେମିତି ? ଦିଅ ଦିଅ କହି ମୋ ହାତରୁ ପିଲାଟିକୁ ବାଥ୍ରୁମ୍କୁ ନେଇଗଲେ । ସବୁ ଘଟିଥିବା ଘଟଣା ସମୀକ୍ଷାଙ୍କ ଆଗରେ ଗୋଟି ଗୋଟି ଶୁଣେଇ ସାରିବା ପରେ ସମୀକ୍ଷା ଶୁଣି ସ୍ତବ୍ଧହେଇଗଲେ । ପିଲାଟି ପ୍ରତି ସ୍ୱତଃ ପ୍ରବୃତ ଅନୁକମ୍ପା ଜାଗିଉଠିଲା । ଭଲକରି ଗାଧେଇଦେଇ ପୁଅ ରୋହନର ପ୍ୟାଣ୍ଟ ସାର୍ଟ ହଳେ ପିନ୍ଧାଇ ଦେଲେ । ସେତେବେଳକୁ ପ୍ରାଚୀ ପୁରା ଡରି ଯାଇଥାଏ । ଖାଲି କଲବଲ କରି ଚାହୁଁଥାଏ ସମସ୍ତଙ୍କୁ । ଆଖିର ଇସାରାରେ ପ୍ରବୋଧନା ଦେଲି । ପାଖକୁ ଡାକି ପଚାରିଲି.. ତୁମ ଘରେ କିଏ କିଏ ଅଛନ୍ତି । ଉତ୍ତର ଦେବାକୁ କଥା ସ୍ଫୁରୁ ନଥାଏ ପ୍ରାଚୀର । କହିଲା - ପାଖ ଝୁମ୍ପୁଡ଼ି ବସ୍ତିର ଜଣେ ମଉସାଙ୍କ ପାଖରେ ରହୁଛି । ବାପା ମା'ଙ୍କୁ କେବେ ଦେଖିନି । କହୁ କହୁ କାନ୍ଦି ପକାଇଲା ପ୍ରାଚୀ । ସମୀକ୍ଷା କୋଳକୁ ଆଉଜାଇ ନେଲେ କହିଲେ, ଆମ ଘରେ ଏଇଠି ଆଜିଠାରୁ ସବୁଦିନେ ରହିବୁ, ମୋର ଝିଅ ହୋଇ । କେବେ ତୋତେ ମାରିବିନି କି ଗାଳି କରିବିନି ଆଉ ସବୁଦିନ ପରି ପରଘରକୁ କାମ କରିବାକୁ ଯିବାକୁ ପଡ଼ିବନି । ପିଲାଟିର ଆଖିରେ ଅନେକ ପ୍ରଶ୍ନ ଭାବ !

ମଧ୍ୟାହ୍ନର ସୂର୍ଯ୍ୟ ଉପରକୁ ଉଠି ଯାଇଥାଏ । ବାପା ମା' ଛେଉଣ୍ଡ ନିରାଶ୍ରୟ ପିଲାଟିକୁ ସମୀକ୍ଷା କୋଳରେ ଧରି ମଥାକୁ ଆଉଁସୁ ଆଉଁସୁ ପଣତରେ ପୋଛୁଥାନ୍ତି ଆଖିରୁ ନିଗିଡ଼ି ଯାଉଥିବା ଲୁହକୁ । ବାଷ୍ପ ବୋଳା କଣ୍ଠରେ କହୁଥାନ୍ତି ଥରେ ଡାକିଲୁ ମୋତେ ମାଆବୋଲି.... । ମା' ଡା ପାଇଁ ହୁଏତ ନିଶ୍ଚୟ ନୂଆ ଶବ୍ଦଟିଏ ତଥାପି କରୁଣ କଣ୍ଠରେ ମାଆ ବୋଲି ଡାକି ଭୋ ଭୋ କାନ୍ଦି ଉଠିଲା ପ୍ରାଚୀ..... ।

ଅଇବିଲି, ମଣିଜଙ୍ଗା, ଜଗତସିଂହପୁର

# ଜରା ନୁହେଁ, ଶାନ୍ତି ଆଶ୍ରମ

- ଡ. ବିଭୂଦତ୍ତ ଖଣ୍ଡାୟତ ରାୟ

ତିର୍ତ୍ତୋଲର ଆଇବିଲି ଗୋଟିଏ ଛୋଟିଆ ଗାଁ, ଧୁ ଧୁ ଖରାବେଳ, କାଉ କି କୋଇଲି କାହାର ଗୋଟିଏ ଦେଖା ନାହିଁ । ଦେଖା କେମିତି ମିଳିବ ! ସେତ ଗୋଟିଏ ଝଙ୍କା ଗଛରେ ଆଶ୍ରୟ ନେଇଥିବେ, ବର୍ତ୍ତମାନ ତ ଗଛର ଅଭାବ । ଏଣୁ ପକ୍ଷୀମାନେ ଯେତେ ଦୂର ହେଉ ପଛେ ତାଙ୍କ ପକ୍ଷ ଚାଳନା କରି ଖୋଜି ଖୋଜି ଆଶ୍ରୟ ନେଉଛନ୍ତି । ଜାମୁ ଗଛଟି କେଉଁ କାଳରୁ ଖରାବର୍ଷା ସହି ପଡି ରହିଛି, ତା'ର ମୁକ ସାକ୍ଷୀ ହେଉଛି, ପାଖରେ ଟୁବ ଗାଡିଆ ଟିଏ । ବର୍ଷାଦିନେ ପାଣି ଭର୍ତ୍ତୀ ରହେ ଆଉ ଖରାଦିନେ କଙ୍କାଳ ଦେଖାଇ ପଡିରହେ ।

ଆଠ ଦଶକର ବୁଢ଼ି, ଗୁରେଇ, ଜାମୁ ଗଛକୁ ଆଉଜି ବସିଛି । ତଣ୍ଟି ଶୁଖିଗଲେ ନିଜର ଝାଳ ସିନା ବୁନ୍ଦେ ବୁନ୍ଦେ ପିଉଛି, କିନ୍ତୁ ଟୁବ ତା'ର ଶୋଷକୁ ମେଣ୍ଟାଇବାକୁ ସକ୍ଷମ ହୋଇପାରୁନି । କୋରଡ଼ ଆଖିରୁ ଲୁହ ବି ଝରୁନି କାରଣ ସୂର୍ଯ୍ୟଙ୍କ ଉତ୍ତପ୍ତ ଖରାକୁ ବୟସର ଶୁଷ୍କତା ଲୁହ ସୃଷ୍ଟି କରିବାରେ ବାଧକ ହେଉଛି । ପେଟରେ ମୂଷା ରାମ୍ପୁଛି, କାରଣ ପୁରା ଖାଲିପେଟ ।

ସଉରୀ ଆସି ପାଖରେ ବସିଲା, ହାତରେ ପାଞ୍ଚଣଟିଏ ଧରିଛି । ଛେଳିକୁ ଅଡେଇ ଘରକୁ ନେବାକୁ ଆସିଥିଲା । ଗୁରେଇକୁ ଦେଖି ବସି ପଡିଲା, ପଚାରିଲା... ଆଲୋ ଦେଇ ଏଠି କାହିଁକି ବସିଛ ? କେତେ ବଡ଼ ଟାଣ ଖରା ଟା ଦେହମୁଣ୍ଡ ଝାଇଁ ଝାଇଁ ହୋଇ ଯାଉଛି, ଏଠି କ'ଣ କରୁଛ ? ଗୁରେଇ କହିଲା.... ତୁ ଆଗେ କହ ତୁ କୁଆଡେ ଆସିଛୁ ?.... ଆଲୋ ଦେଇ ... ମୋର କ'ଣ ଛୁଆପିଲା ଅଛି, ଏ ଛେଳି ଛୁଆ ଦୁଇଟା ମୋର ଜୀବନ । ସେଇ ମୋର ଛୁଆ, ସେଇ ମୋର ଅନ୍ଧର ଲଉଡ଼ି । ଗୁରେଇ କହିଲା... ତୁ ବହୁତ ସୁଖି ଛୁଆ ଜନମ କରିନୁ, ଏ ଯୁଗକୁ ଜିତି ଯାଇଛୁ । ଆପଣା ହାତ ଜଗନ୍ନାଥ ହାତ ଗୋଡ଼ ଚାଲୁଥିବା ପର୍ଯ୍ୟନ୍ତ ଭଗବାନ୍‌ଙ୍କର ପ୍ରାକୃତିକ ସମ୍ପଦ, ଗଛଲତା, ପଶୁପକ୍ଷୀ ମାଟି ପାଣି ଏଇ ମାନଙ୍କର ସେବାକଲେ ବହୁତ ଶାନ୍ତି ମିଳିବ, କିନ୍ତୁ ଛୁଆ ଜନ୍ମ କରି ଥୁଣ୍ଟା ଗଛ ହୋଇ ବଞ୍ଚିଲେ କି ଶାନ୍ତି ଅଛି ?

ସଉରୀ ପଚାରିଲା.... ଆଲୋ ଦେଇ ଭାଇ ସିନା ଆରପାରିକୁ ଚାଲିଗଲେ, ତୋତେ ଦୁଇଟା ଧନୁର୍ଦ୍ଧର ପୁଅ ଭେଟି ଦେଇ ଯାଇଛନ୍ତି । ତୋର ଦୁଃଖ କଅଣ ? ପୁଅ ବୋହୂ ଏ ବୁଢ଼ି ଦିନେ ଖୋଇ ପେଇ ସେବା ଶୁଶ୍ରୁଷା କରି ତୋତେ ଆରାମରେ ରଖିଥିବେ । ତୋର ପୁଣି ଦୁଃଖ କ'ଣ ? ଗୁରେଇ କହିଲା... ହଁ... ଲୋ ସଉରୀ ବନ ପୋଡ଼ିଗଲେ ଜଗତ ଜାଣେ, ମନପୋଡ଼ି ଗଲେ କିଏ ଜାଣେ ? ତୋ ଭାଇ ଆଜିକୁ କୋଡିଏ ବର୍ଷ ହେବ ଆର ପାରିକୁ ଚାଲି ଗଲେଣି, ସାତବର୍ଷର ଆଉ ପାଞ୍ଚ ବର୍ଷର ଦୁଇଟି ଛୁଆକୁ ଧରି, ପରଘର ପାଇଟି କରି ଛୁଆଙ୍କୁ ଏତୁଟିରୁ ଏତୁଟିଏ କଲି । ପେଟକୁ ଅଧାରଖି ଛୁଆ ଦୁଇଟିକୁ ତିନିଥର ଖାଇବାକୁ ଦେଇ ତାଙ୍କ ଓଠର ହସ ଦେଖିବା ପାଇଁ ମୁଁ ପାଗଳ ହୋଇ ଯାଉଥିଲି । ଯେତେ ଦୁଃଖ ଆସୁ..... ମୋ ଛୁଆ ମଣିଷ ହେଲେ... ମୋର ଦୁଃଖ ଆଉ କ'ଣ

? ସେହି ଦିନକୁ ମୁଁ ଚାତକ ପରି ଚାହିଁ ରହିଥିଲି । ମାଗିଯାଚି କରି ପିଲାଙ୍କୁ ଦୁଇ ଅକ୍ଷର ପାଠ ମଧ ପଢ଼ାଇଲି, ପିଲା ତାଙ୍କ ଗୋଡ଼ରେ ଠିଆ ହେବାକୁ ସକ୍ଷମ ହେଲେ, ତଥାପି ମୁଁ ଥକି ପଡିନି । ପରଘର ଟିଅଣ ସୁତୁକାଏ ହେଲେ ମଧ ଲୋକଙ୍କର ସେ ଟିଅଣ ଉପରେ ଶ୍ରଦ୍ଧାଥାଏ, ଲୋଭଥାଏ । ଏଣୁ ତାଙ୍କର ଏ ପ୍ରକାର ଲୋଭ ଆସିବା ପୂର୍ବରୁ ମୁଁ ମୋ ଶକ୍ତି ମୁତାବକ ଭାତ ହାଣ୍ଡି ତାଙ୍କ ବେକ୍‌ରେ ଝୁଲାଇ ଦେଲି । ସେ ଯେମିତି ଭୋକିଲା ପେଟରେ ଅଘଟଣ ନ ଘଟାନ୍ତି, ଏ ପ୍ରକାର ଗୁରୁ ଦାୟିତ୍ୱ ସିନା ସାରିଦେଲି, କିନ୍ତୁ ଅସରନ୍ତି ଦୁଃଖ ଯାତନାର ଗନ୍ତାଘରେ ଗୁଆ ପକାଇ ନିମନ୍ତ୍ରଣ କରିଦେଲି ।

ଦୁଇଟି ପୁଅ ମୋର ବିଶେଷ ବଡ଼ ଚାକିରୀ ନ କଲେ ମଧ ଗୁଜୁରାଣ ମେଣ୍ଟାଇବାକୁ ସମର୍ଥ ଥିଲେ । ହସଖେଳ କଉତୁକ ପୂର୍ଣ୍ଣ ସଂସାରରେ ମୁଁ ହୋଇଗଲି ଅଲୋଡ଼ା । ଯେଉଁ ପୁଅ ପେଟକୁ ଉଣ୍ଡାଳି ପକାଇ ମୋ ପୁଅ ପେଟ ଭୋକରେ ପିଠିରେ ଲାଗିଗଲାଣି କହି ନିଦରୁ ଉଠାଇ ତୋରାଣି ପାଣି ଯାହାଥାଏ ଖୁଆଉଥିଲି । ଯେଉଁ ପୁଅ ନିଘୋଡ଼ ନିଦରେ ଶୋଇପଡ଼ି ଥିଲେ, ମୁଁ ତାଙ୍କ ନାକ ପାଖରେ ହାତ ରଖି ତା ନିଃଶ୍ୱାସକୁ ପରୀକ୍ଷା କରୁଥିଲି । ଶୀତ ବର୍ଷାରେ ଯାହାର ଝାଡ଼ା ପରିସ୍ରାକୁ ଗଣ୍ଠି କରି ଶୋଉଥିଲି, ଆଜି ସେଇପୁଅ କେଉଁ ପାଣି ପବନ ରେ ବଦଳି ଗଲା ?

ମୋର ବି ପେଟ ଅଛି, ଶରୀର ଅଛି, ଶରୀର ପାଇଁ ଯାହା ଦରକାର ମୁଁ ନିଶ୍ଚେ ଖୋଜିବି । ଖାଇବା ବେଳ ଗଡିଗଲେ ମୁଁ ଏପଟ ସେପଟ ଘୂରି ବୁଲିଲେ, ପୁଅ ବୋହୂ ବିରକ୍ତ ହୋଇ କହନ୍ତି ଆଉ ଆୟୁଷ କେତେ ଅଛି କେଜାଣି, କାଶର ମାତ୍ରା ଟିକେ ବଢ଼ିଲେ... ବିରକ୍ତ ସ୍ୱର ଭାଷିଆସେ... ଚାଲିଯା ଗଛମୂଳେ କାଶିବୁ । ବଡ଼ପୁଅ ବ୍ୟବସାୟୀ, ତା'ର ସକାଳୁ ରାତି ବାରଟା ପର୍ଯ୍ୟନ୍ତ କାମ, ବୋହୂ କହେ ପୁଅ ଆସିଲେ ଖାଇବାକୁ ଦେବି । ନଚେତ୍ ସାନପୁଅ ପାଖକୁ ପଳା, ସେଠି ତିନିଥର ଗେଫିବ । ଏଠି ମୋ ଜୀବନକୁ ଖାଆନା । ସାନପୁଅ ଚାକିରୀଆ ଅସୁବିଧା କିଛି ନାହିଁ, ତଥାପି ମୁଁ ତାର ଚକ୍ଷୁଶୂଳ, ଆଡେଇ ବଙ୍କେଇ ହୋଇ କହେ.... ଜନ୍ମକରି ଥିବା କରଜ ବହୁତ ଦିନରୁ ଶୁଝି ଗଲାଣି । ଆଉ ମୁଁ ପାରିବିନି, ତୋ ବ୍ୟବସ୍ଥା ତୁ କର ।


ମୁଁ ମୋର କି ବ୍ୟବସ୍ଥା କରିବି, ଏଇ ଥୁଣ୍ଟା ଗଛ ଆଉ କଙ୍କାଳ ସାର ଟୁବକୁ ପଚାରିବାକୁ ଏଠି ବସିଛି । ଏବେ ତୁ କହ... ମୁଁ ଦୁଃଖୀ ନା ତୁ... ଦୁଃଖୀ ? ସଉରୀ କହିଲା... ହଁ ଲୋ ଦେଇ ପ୍ରକୃତରେ ମୁଁ ସୁଖି, ହଉ... ତୁ ବ୍ୟସ୍ତ ହୁଅନା, ଭଗବାନ ଗୋଟିଏ ଦ୍ୱାର ବନ୍ଦ କଲେ ଆର ଦ୍ୱାରଯି ଖୋଲନ୍ତି ସେ ତୋତେ ନିଶ୍ଚୟ ସାହାଯ୍ୟ କରିବେ, ତୁ ସାହସ ହରାନା, ଆଗକୁ ନିଶ୍ଚୟ ଭଲ ହେବ । ଘରମଣି ଘରମଣି ଡାକି ଡାକି ଛେଳିକୁ ନେଇ ସଉରୀ ଚାଲିଗଲା କିନ୍ତୁ ଗୁରେଇ ମନରେ ସାହସର ମଞ୍ଜି ବୁଣି ଦେଇଗଲା ।

ଈଶ୍ୱର ଦୟା କରିଛନ୍ତି, ଗୁରେଇ ଆସି ପହଞ୍ଚି ଯାଇଛି ... ଶେଷ ଆଶ୍ରୟ ସ୍ଥଳିରେ, ଆଜି ଗୁରେଇ ହସୁଛି । ଆତ୍ମ ତୃପ୍ତିର ହସ, ଶାନ୍ତିର ହସ, ସେ ଆଗ୍ରହୀ ଯୁବକମାନଙ୍କୁ କହୁଥାଏ.... ବାବା ତୁମର ଏ ପ୍ରକାର ସାଧୁତା ଉଦ୍ୟମ ପାଇଁ ଆମ ଶୁଖିଲା ମୁହଁରେ ହସ ଫୁଟି ଉଠୁଛି, କିଏ କହେ.... ଏ ଜରାଆଶ୍ରମ ଏହା ଶାନ୍ତି ଆଶ୍ରମ । ଏଠାରେ ଶାନ୍ତିକୁ ଖୋଜିବାକୁ ପଡ଼େନି, ସେ ଖାଦ୍ୟ ପାଣି ପବନ ରୂପେ ଦେହରେ ପଶିଯାଏ । ଏଠାରେ ବାର୍ଦ୍ଧକ୍ୟ ଯନ୍ତ୍ରଣା ଜଣା ପଡେ ନାହିଁ କି

ବିଧବା, ରୁଗ୍ଣ, ନିର୍ଯ୍ୟାତିତାର ଯନ୍ତ୍ରଣା ଜଣା ପଡ଼େ ନାହିଁ, କାରଣ ଏଠାରେ ସମସ୍ତେ ସମବେଦନଶୀଳ, ଆଖି ନଥିଲେ ଅନ୍ୟ ଆଖିରେ ଦେଖନ୍ତି, କାନ ନଥିଲେ ଅନ୍ୟ କାନରେ ଶୁଣନ୍ତି । ଆଉ ଅନ୍ୟ ଦାନ୍ତରେ ସ୍ୱାଦୁ ଚାଖନ୍ତି । ରୋଗୀର ରୋଗ ଦୁଇପଦ ମିଠାକଥାରେ ଉପଶମ ହୁଏ । ଔଷଧ ସହ ଯଦି ଦୁଇପଦ ମିଠାକଥାର ପଥ୍ୟ ଦିଆଯାଏ ତା ହେଲେ କିଛି ଦିନ ପରେ ରୋଗୀର ଔଷଧ ଦରକାର ପଡେନି, ଏଠାରେ ଏପରି ଆନନ୍ଦର ଫଲ୍‌ଗୁ ବହୁଛି ଯେ ବାର୍ଦ୍ଧକ୍ୟରେ ଯୌବନ ଆସିଲା ପରି ଲାଗୁଛି । ଏ ଆନନ୍ଦ କୁଟୀର ଭଗବାନ୍‌ଙ୍କର ବୈକୁଣ୍ଠ ପୁର ପରି ଲାଗୁଛି, କାରଣ ସରଗ ସମାନ ଆହାଅଟେ ସେହିଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର । ହେ ମୋର ଈଶ୍ୱରଙ୍କ ବରପୁତ୍ର, ତୁମେମାନେ ଆମ ଶୁଖିଲା ଓଠର ହସ ଫୁଲକୁ ନେଇ ତୁମ ଗଳାରେ ଗର୍ବ ସହିତ ଝୁଲାଇ ସଂସାରର ସେବା କର ।

ଜନତା ଜନାର୍ଦ୍ଦନଙ୍କୁ ପଦେ, ହେ ସଂସାର ବାସୀ ଆମେ କ'ଣ ଆମ ଘରକୁ ଶାନ୍ତି ଆଶ୍ରମ କରି ପାରିବାନି ? ଆମେ କ'ଣ ଆମ ଚରିତ୍ରକୁ ଶୋଧନ କରି ବୁଢାବୁଢ଼ିଙ୍କ ମୁହଁରେ ହସ ଫୁଟାଇ ପାରିବାନି ? ଯଦି... ହଁ.... ତେବେ ଆସି ହାତ ମିଳାଇ ଆଗକୁ ଚାଲ....

ନିଳାଦ୍ରିବିହାର, କଟକ



# ବାଲିପାହାଡ଼

ମାନସ ରଂଜନ ପଟ୍ଟନାୟକ

ଏ ମେଘ ରାତିରେ ତୁମେ କୁଆଡେ ଯିବ ପୁଅ ? ଖରାଦିନିଆ ବର୍ଷା ହେଉଛି । ଆଛା ପୁଅ ତୁମେ ଏ ଅଞ୍ଚଳରେ ନୂଆ ଲାଗୁଛ । ତୁମ ଠିକଣା କ'ଣ ? ମୋ ଠିକଣା କହି ହସିଦେଲା ଯୁବକ । ତୁମେ ହସୁଛ କ'ଣ ? ମଉସା, ମୋର ନିର୍ଦ୍ଦିଷ୍ଟ ଠିକଣା ନାହିଁ । ଆଜି ଏଠି ତ କାଲି ଆଉ କେଉଁଠି ଥିବି । ରାତି ୯ଟା ହେଲାଣି । ଦାମି ପୋଷାକ ପିନ୍ଧିଛ । ହାତରେ ଚାରିଟା ମୁଦି ଅଛି । ବେକରେ ଦୁଇଟା ଚେନ୍ । ପାଖରେ ତୁମର କିଛି ଯାନ ନାହିଁ । ମଉସା ତୁମକୁ ଧନ୍ୟବାଦ ଦେଉଛି ଏତେ ସମୟ ଧରି ତୁମ ଚାଳିଆ ଦୋକାନରେ ମୋତେ ଆଶ୍ରୟ ଦେଲ ବୋଲି । ଏ ଅଦିନିଆ ବର୍ଷାରେ ମୁଁ କେଉଁଠି ଆଶ୍ରୟ ନେଇଥାନ୍ତି ? ତୁମେ ମଉସା କ'ଣ ଏଇ ଦୋକାନରେ ଶୋଇବ ? ଏଇ ଦେଖ ବାବୁ, ଆମ ଗାଁ ଦିଶୁଛି । ସେହି "ବାଲିପାହାଡ଼" ପଛ ପଟେ ଆମ ଗାଁ । ମୁଁ ଦୋକାନ ଚାବି ଦେଇ ଯିବି । ତୁମେ ପୁଅ କୁଆଡେ ଯିବ କହିଲନି ? ମୋ ଇଛା ଯୁଆଡେ ସିଆଡେ ଯିବି । ଏ ଛକ ଦେଇ ଶେଷ ବସ ସନ୍ଧ୍ୟା ୭ଟାରେ ଯାଏ । ଦେଖୁଛ ଜଙ୍ଗଲି ରାସ୍ତା । ରାତି ହେଲେ ଏ ରାସ୍ତା ଉପରକୁ ହେଟା, ଗଧିଆ ଗଡନ୍ତି । ସେହି ବାଲିପାହାଡ ତଳେ ଯେଉଁ ରାସ୍ତା ଯାଇଛି, ସନ୍ଧ୍ୟା ହେଲେ, ଲୋକମାନେ ସେ ରାସ୍ତାରେ ଯିବାକୁ ଭୟ କରନ୍ତି । ଭୟ କରନ୍ତି.... । କାହିଁକି ? ଗୋଟିଏ ବାଡୁଅ ଝିଅର ପ୍ରେତାତ୍ମା ସେହି ଜଙ୍ଗଲରେ ଘୁରି ବୁଲୁଛି । ଆମ ଅଞ୍ଚଳରେ କିଛି ଲୋକ ଦେଖିଛନ୍ତି । ସେ ମଧ ବହୁଝିଅ, ବୋହୁଠାରେ ସବାର ହେଉଛି । ବେଳେବେଳେ ଅଧରାତିରେ କୁହାଟ ଛାଡେ । ବଡ କିଲ୍‌ବିଲ୍ କରି ତାକୁ ମାରିଦିଆଗଲା । ରାତି ବଢ଼ିଲାଣି । ମୁଁ ଯାଉଛି ବାବୁ । ତୁମେ ଯାଅ ମଉସା । ଦେଖ, ରାସ୍ତାରେ କଣ ଗୋଟେ ଗାଡି ଆସୁଛି । ମୁଁ ହାତ ହଲାଉଛି । କାଳେ ରଖିବ ? ଗାଡିଟି ବ୍ରେକ୍ ଦେଇ ଛିଡା ହେଲା । ମଉସା ମୁଁ ଦୁଇଦିନ ପରେ ଆସିବି । ସେ ବାଲିପାହାଡକୁ ମୁଁ ବୁଲିଯିବି । ଗାଡି ଭିତରୁ ଡ୍ରାଇଭର ଡୋର୍ ଖୋଲିଲେ । ଯୁବକ ଜଣକ ବସିଲେ । ଗାଡି ଖୁବ୍ ଯୋରେ ରାସ୍ତାରେ ଯାଏ । ପାଖ ପାନଦୋକାନୀ ମନୁଆ ଓ ଟା ଦୋକାନୀ ଭିକାରୀ ଲଣ୍ଠନ ଟି ଧରି ଦୋକାନ ବନ୍ଦ କରି ଘର ଅଭିମୂଖେ ବାହାରିଲେ । ଭୀକାରୀ ଦାଦା ମୁଁ ଲକ୍ଷ କରିଛି ଜଣେ ଟୋକା ସନ୍ଧ୍ୟା ବେଳୁ ତୁମ ଦୋକାନରେ ଥିଲା । ଭଲ ଲୋକ ଜଣେ । ବୋଧେ କେଉଁ କାମରେ ଏ ଅଞ୍ଚଳକୁ ଆସିଥିଲା । ବର୍ଷା ହେବାରୁ ମୋ ଦୋକାନ ଭିତରେ ଅଟକିଗଲା । ମୁଁ ତା ଲାଗି ଭାରି ବ୍ୟସ୍ତ ଥିଲି । ତୁ ଦେଖିଥିଲୁ ମନୁଆ । ଗୋଟେ କାର୍ ଆସୁଥିଲା । ସେ ହାତ ଦେଖାଇବାରୁ କାର୍‌ଟି ଅଟକିଗଲା । ଦୁଇଜଣ ଯାକ କଥାବାର୍ତ୍ତା ହୋଇ ଗଲା ଭିତରେ ବାଲିପାହାଡ ନିକଟ ହୋଇଗଲେଣି । ହଠାତ୍ ବିକଟାଳ କାନ୍ଦଣା ଶୁଭିଲା । ଭିକାରୀ ଦାଦା, ସେ ଟୋକୀ ବାହାରିଲା । ଆରେ କିଛି ନାହିଁ । ଆରାମରେ ଚାଲେ । ପାଖ ଲିମ୍ବ ଗଛରୁ ବାଦୁଡ଼ିପକ୍ଷୀ ଦୁଇଟି ଡେଣା ଫଡ ଫଡ କରି ଆଙ୍କ ମୁଣ୍ଡ ଉପର ଦେଇ ଉଡିଗଲେ । ହେ ଦୋଉଲୋ ହେ ମା ମଙ୍ଗଳା, ଆମକୁ ରକ୍ଷାକର । ମନୁଆ ତୁ ଛାନିଆ ହଅନି । ସେ ସୁନ୍ଦରୀ ଝିଅଟାକୁ ଯେପରି ମାରି ଫିଙ୍ଗିଥିଲେ ତାର ଆତ୍ମା ଶାନ୍ତି ପାଇଥିବ ? ଅଭିଆଡି ଝିଅଟେ । ଫୁଲ ପରି ଦେହ । ଯେଉଁମାନେ ଏ କାଣ୍ଡ କଲେ, ଧର୍ମ ନସହୁ । ଆରେ ମନୁଆ ଭଲକରି ଶୁଣୁ । ବାଲିପାହାଡ ସେପାଖେ ବୁଲା କୁକୁରମାନେ ବାହୁନା ପକାଉଛନ୍ତି । ଏ ରାତିରେ ଏପରି ମଣିଷ କାନ୍ଦଣା ପରି ଶୁଭୁଛି । ସେ ଝିଅଟା ମରିବାର ପାଞ୍ଚମାସ ପୁରିଲା । ତୋ ସାହି ଆସିଲା । ମୁଁ ଆଉ ତୁମ ସାହିପଟେ କାହିଁକି ଯିବି ? ମୁଁ ଏଇପଟେ ଯାଉଛି । ବାଟ କମିଯିବ । ତୁମକୁ ଡର ଲାଗିବନି ? ଧେତ୍ ମୁଁ ପରା ବୁଢ଼ା ହେଲାଣିରେ ।

ଦିନ ୨ଟା ହେବ । ଭିକାରୀ ତାଙ୍କ ଦୋକାନରେ ଆଞ୍ଚ ସଜାଡୁଥାନ୍ତି । ମଉସା ମୋତେ ଚିହ୍ନିପାରୁଛ ? ଭିକାରୀ ଦୋ ଦୋ ଚିହ୍ନା ହୋଇ ଅନାନ୍ତି । କଣ ମଉସା ଜାଣିପାରୁନ

? ଦୁଇଦିନ ତଳେ ସନ୍ଧ୍ୟା ବେଳଠାରୁ ତୁମ ଦୋକାନରେ ଆଶ୍ରୟ ନେଇଥିଲି । ବାବୁ ଏଥର ଜାଣିପାରିଲି । ସେତେବେଳେ ରାତି ହୋଇଯାଇଥିଲା । ଲଣ୍ଠନଟା ଝାପ୍ସା ଜଳୁଥିଲା । ତୁମ ଜଣଙ୍କ ଆଗରୁ ବାରିହେଲା । ତୁମେ ସେହି ବାବୁ । ମନୁଆ ପଚାରେ, ତୁମେ ଭଲରେ ସେଦିନ ଗଲ ? ତୁମକୁ ମୁଁ ସେଦିନ ଦେଖିଛି । ମୋର ଆଜ୍ଞା ସେହି ପାନଦୋକାନ ଅଟେ । ଆପଣ ଗଲାପରେ ଭିକାରୀ ଦାଦା ଓ ମୁଁ ଗଲୁ । ଗୋଟିଏ ଗାଁରେ ଆମ ଘର । ସେହି ବାଲିପାହାଡ ସେପଟେ । ମୁଁ ବର୍ତ୍ତମାନ ସେଠାକୁ ଯିବି । ମନୁଆ କହେ ତୁମର ସେଠି କାମ କ'ଣ ? କିଛିନାହିଁ । ଦୂରରୁ ସୁନ୍ଦର ଦେଖା ଯାଉଛି । ଏପରି ପ୍ରାକୃତିକ ଶୋଭା ଦେଖିବାକୁ ମୋତେ ଭାରି ଭଲ ଲାଗେ । ତୁମେ କଣ ଫିଲ୍ମ ଲାଇନ୍ ଲୋକ । ଯାହା ଭାବିପାର । ମାନେ.... । ବାଲିପାହାଡ ଉପରୁ ଚାରିପଟକୁ ଅନାଇଲେ, କିପରି ଦିଶୁଛି ଦେଖିବା କଥା । ତା ଉପରୁ ଆମ ଗାଁ ସ୍ପଷ୍ଟ ଦେଖାଯିବ ଆଜ୍ଞା । ସତରେ.... । ତୁମ ଗାଁ ମଧ ଦେଖିବା ହେଇଯିବ । ତୁମର କ'ଣ ଏଇଠି ଗୋଟିଏ ଗାଁ ଅଛି ? ଜଙ୍ଗଲିଆ ଯାଗା ବୋଲି ଜଣାପଡୁନି । ଏଇପାଖ ଆଖରେ ବହୁତ ଗାଁ ଅଛି । ଏଇନା ଯାଉନାହାନ୍ତି ହେଇଟି, ସେହି ଭଙ୍ଗା ମନ୍ଦିର ପାଖକୁ । କିଛି ଯୁବଗୋଷ୍ଠି ମଉଜ, ମସ୍ତି କରୁଥିବେ । ଏ ଯୁଗର ଟୋକାମାନେ ବେକାର । ସମୟ କଟିଲେ ମୁଣ୍ଡ ଖରାପ ହେଇଯିବ । ଭାବୁଛି ଏକୁଟିଆ ସେ ବାଲିପାହାଡ଼ ଉପରକୁ ଯିବି । ନାହିଁ ହେ ବାବୁ । ଏକୁଟିଆ ଲୋକ ଦେଖିଲେ ସେ ହଇରାଣ କରିବ । କିଏ ? ଖବର କାଗଜ, ଟିଭି, ସବୁଥିରେ ବାହାରି ନଥିଲା । ଗୋଟିଏ ଝିଅକୁ ବଳାତ୍କାର କରି ମାରିଦିଆଗଲା । କେବେ.... ? ମୁଁ ଜାଣେନି । ତୁମେ କିପରି ଜାଣିବ । ତୁମେ ହେଲ ଫିଲ୍ମ ଲାଇନ ଲୋକ । ଯୁବକ ଜଣକ ବ୍ୟାଗ୍ ଭିତରୁ ଏକ ଫାଇଲ କାଢ଼ି ଧରିଲେ । ମନୁଆ, ତୁମେ ଏ ବ୍ୟାଗ୍‌ଟିକୁ ତୁମ ଦୋକାନରେ ଥୋଇ ଥାଅ । ମୁଁ ଆସିଲେ ନେବି । ଆମର ସୁଟିଂ ବେଳେ ତୁମେ ଆମକୁ ସାହାଯ୍ୟ କରିବ । ମୁଁ ଯାଇ ସ୍ପଟ୍ ଠିକ୍ କରି ଆସୁଛି । ମନୁଆ କ୍ୟାବିନ୍ ଭିତରୁ ମୁରୁକା ହସଟେ ହସିଦେଲା । ଯୁବକ ଜଣକ ଚଢ଼ି ଚଢ଼ି ବାଲିପାହାଡ଼ ଉପରକୁ ଗଲେ । ପାହାଡ ଉପର, ଝାଉଁ ଓ କାକୁ ଗଛ ପୂର୍ଣ୍ଣ ଥାଏ । କିଛି ଦୂରରେ ଦୁଇଜଣ ବୁଢ଼ା ଛେଳି, ଗୋରୁ, ମେଣ୍ଢା ଚରାଉଥାନ୍ତି । ଆହେ ଭାଇ, ଏଠି ପାଣି କେଉଁଠି ? ସେପଟେ କରକୁ ଗୋଟେ ଛୋଟ ଚୁଆ ଅଛି । ମୋତେ ଦେଖାଇଦିଅ । ଜଣେ ବୁଢ଼ା ସାଙ୍ଗରେ ଗଲା । ବଡ଼ ସୁନ୍ଦର ଯାଗା । ଲୋକମାନେ ଏ ଚୁଆ ବ୍ୟବହାର କରନ୍ତି । ଜଙ୍ଗଲୀ ଜୀବଜନ୍ତୁ ପାଣି ପିଅନ୍ତି । ଆମେ ଛେଳି ଗାଈ, ଗୋରୁ ଆଣୁ । ସେମାନେ ଏଇଠି ପାଣି ପିଅନ୍ତି । ତୁମେ ବାବୁ କିଏ ? ମୁଁ ଜଣେ ବାଟୋଇ । ସେ ଛକରେ ଜଣେ କହୁଥିଲେ, ଏଠାରେ ଭୂତ ପ୍ରେତ ଅଛନ୍ତି । ମୁଁ ଜୀବନରେ କେବେ ଭୂତ ଦେଖିନି । ଦେଖିବା ଭୂତର ରୂପ କିପରି ? ଆରେପୁଅ ଭୂତ କଣ ଦିନରେ ବାହାରେ ? ଏଠାରେ ରାତିରେ କେଉଁ ଭୂତ ବାହାରେ । ଛାଡବାବୁ । ଆମେ ଦୁଇ ବୁଢ଼ା ସେତେବେଳେ ଭାରି କଲବଲ ହେଲୁ । ଆମେ ଗରିବ ଲୋକ । ପୋଲିସ ବାଲା ଆମକୁ ଥାନାକୁ ନେଇ ବଡ ଜୁଲମ କଲେ । ଭାଗ୍ୟ ଖରାପ ଥିଲେ ଏମିତି ହୁଏ । କ'ଣ ହେଲାକି ମଉସା ? ଗୋଟିଏ ଝିଅକୁ ଏଇଠି ମାରିଦିଆଗଲା । ଆମେ ଦୁଇବୁଢ଼ା ଗାଁ ଲୋକମାନଙ୍କ ଗାଈ, ଛେଳି, ମେଣ୍ଢା ଆଣି ଏଇଠି ଚରାଉ । ସନ୍ଧ୍ୟା ପୂର୍ବରୁ ଗୋଠ ନେଇ ଆମେ ଫେରିଯାଉ । ଆମେ ଏଠାକୁ ପ୍ରତିଦିନ ଆସୁ ବୋଲି ପୋଲିସ ଜାଣିଲା । ଆମକୁ ଘରୁ ବାନ୍ଧିନେଲା । କିଛି ଦୋକାନୀକୁ ସେ ଛକରୁ ବାନ୍ଧି ନେଲା । ସେପଟେ ଗୋଟେ ଭଙ୍ଗା ମନ୍ଦିରଟେ ଅଛି । ଗୋଟିଏ ପାଗଲା ସବୁଦିନ ରାତିରେ ସେଠାରେ ସୁଏ । ତାକୁ ମଧ ଧରିନେଲେ । କେତେ ମାଡ ଗାଳି ଆମେମାନେ ଖାଇଛୁ । କିନ୍ତୁ ପ୍ରକୃତ ଦୋଷି ଖୋଲାରେ ବୁଲୁଛି । କିଏ ସେ ଦୋଷି ତୁମେ ଜାଣିଛ ?

ଘଟଣା ଘଟିଲା ରାତିରେ । ଶୀତଦିନ ଥିଲା । ସୂର୍ଯ୍ୟ ବୁଡିଲେ, ଏସବୁ ଯାଗା ଶୁନ୍‌ଶାନ୍ ହେଇଯାଏ । ସକାଳୁ ଦୁଇ ତିନିଜଣ ଲୋକ ଡାଳ, କାଠ ପାଇଁ ଏଇ ପାହାଡ ଉପର ଜଙ୍ଗଲକୁ ଆସିଥିଲେ । ସେମାନେ ଦେଖିଲେ, ଅଠର ବର୍ଷ ବୟସର ଝିଅଟେ ଉଲଗ୍ନ ହୋଇ ମରିପଡିଛି । ଏଇଠି, ଆମେ ଯେଉଁ ଯାଗାରେ ଛିଡା ହେଇଛେ । ପୁଅଟିଏ ପଡିଥିଲା । ତାର ମୁଣ୍ଡ ଫାଟି ରକ୍ତ ବୋହି ସେ ବେହୋସ

ଥିଲା । ଶୁଣା ଶୁଣିରେ ପାଇଲୁ ସେ ବଞ୍ଚିଗଲା । ତାର ମୁଣ୍ଡ ପଥରରେ ଛେଚି ଦେଇଥିଲେ । ଏ ଉପରକୁ ପୁଅ ଝିଅମାନେ କାହିଁକି ଆସନ୍ତି ? ଏପରା ଆଧୁନିକ ଯୁଗର ପୁଅଝିଅ । ଆଉ ବୁଢ଼ା ଜଣକ ବାଡି ଧରି ସେମାନଙ୍କ ପାଖରେ ପହଞ୍ଚି ସାରିଥାଏ । ଆରେ ବେନୁ, ତୋର ଛେଳିମାନେ ସେପଟ ଆଡେ ଗଲେଣି । ତୁ ଯା, ସେମାନଙ୍କୁ ଘଉଡି ଆଣିବୁ । ତୁମ ନାଁ ବେନୁ । ହଁ ପୁଅ । ଆଉ ତୁମ ନାଁ ? ବଇଁଶୀ ଆଜ୍ଞା । ତୁମେମାନେ ସବୁଦିନ ଏଠାକୁ ଆସ ? ହଁ ବାବୁ । ଆମେ ଗରିବ ଲୋକ । ଆଜିକାଲି ଯୁଗରେ ନିଜେ ନ ଖଟିଲେ ପିଲାମାନେ ଖାଇବାକୁ ଦେବେନି । ଯୁବକ ଜଣକ ଦୀର୍ଘ ନିଶ୍ୱାସ ଛାଡିଲେ । ଆଜ୍ଞା ମଉସା ତୁମ ବେକରୁ ମୋତେ ଗାମୁଛାଟା ଦିଅ । ଭାରି ଗରମ ଲାଗୁଛି । ମୁଁ ଯାଇ ସେ ଚୁଆରେ ଧୁଆଧୋଇ ଆସିବି । ନିଅ ପୁଅ କହି ବେନୁ ତାର ଗାମୁଛା ବେକରୁ କାଢ଼ି ଯୁବକକୁ ବଢ଼ାଇ ଦିଏ । ଛୋଟିଆ ଚୁଆଟେ, ପାଣି ଅଳ୍ପ ଥାଏ । ପାଣିର ତଳ ବାରି ହେଉଥାଏ । ହେ ପ୍ରଭୁ ଜଗନ୍ନାଥ । ମୋତେ ସରକାର ବିଶେଷ ଦାୟିତ୍ୱ ଦେଇ ଏଇ ଯାଗାକୁ ପଠାଇଛନ୍ତି । ଯୁଗେ ଯୁଗେ ଧର୍ମର ରକ୍ଷାପାଇଁ ତୁମେ ଆସିଥାଅ । ଏଠାକାର ଲୋକମାନଙ୍କର ଭୟ ଏବେବି ଯାଇନି । ଦୋଷିକୁ ଦଣ୍ଡ ଦିଅ ପ୍ରଭୁ । ମୋତେ ଦିଆଯାଇଥିବା କାର୍ଯ୍ୟରେ ମୋତେ ସଫଳ କରାଅ ପ୍ରଭୁ ଜଗନ୍ନାଥ । ଯୁବକଟି ଗାମୁଛା ବଦଳି ଚୁଆସାରା ବୁଲିଲା । ସବୁଠାରେ ଆଣ୍ଠୁଏ କି ଆଉ କମ ପାଣି ହେବ । ଚୁଆସାରା ଖାଲି ବାଲି । ଭାବିଲା ଗୋଟିଏ ଯାଗାରେ ହାତରେ କିଛି ବାଲି ଆଡେଇ ଦେଲେ ଭଲହେବ । ପାଣି ଭିତରେ ବସି ଦୁଇ ହାତରେ ଆଡେଇ ଚାଲିଲା ବାଲି । ଯାହାହେଉ ଏ ଯାଗାରେ ଜଙ୍ଘେ ପାଣି ହେଲା । ପୁଣି ଦୁଇ ମୁଠା ବାଲି ଚାରିପଟୁ ଆଡେଇ ଜଙ୍ଘେ ପାଣିରେ ଛିଡାହେଲା । ନିଜଗୋଡ ବୁଢ଼ା ଆଙ୍ଗୁଳିରେ କଣ ଗୋଟେ ଫୋଡିହେଲା । ନିଜେ ନଇଁ ପଡି ଆଙ୍ଗୁଠି ସନ୍ଧିରୁ ଆଣିଲା । ମୁଦି ଟିଏ । ଇଂରାଜୀ ଅକ୍ଷରରେ ବି ଲେଖାଅଛି । ଧଡପଡ଼ ହୋଇ ବାହାରକୁ ଆସି ପ୍ୟାଣ୍ଟ, ସାର୍ଟ ବଦଳି ଗାମୁଛାଟିକୁ ଚିପୁଡ଼ି ଫାଇଲଟିକୁ ଧରିଲେ । ଖୁବ୍‌ଶିଘ୍ର ଏହି ସୁରାଗ ସାହାଯ୍ୟରେ ମୁଁ ଆସାମୀ ପାଖେ ପହଞ୍ଚିପାରିବି । ସିକ୍ ସିକ୍ ହୋ, ହୋ ରଡିକରି ବଇଁସୀ ବୁଢ଼ା ଛେଳି ଗୁଡାକ ରାସ୍ତା ଅତିକ୍ରମ କରାଉଥାଏ । ମଉସା, ହେ ମଉସା, ତୁମ ଗାମୁଛା ନିଅ । ସେ ବେନୁ ମଉସାକୁ ଦେବ । ରାସ୍ତାରେ ଯାଉଥିବା ଜିପ୍ ଭିତରୁ ଜଣେ ଯୁବକ ପାଟିକରି କହେ ହଇରେ ବୁଢ଼ା ଶୀଘ୍ର ରାସ୍ତାରୁ ଗାଈ ଗୋରୁ ଛେଳି ହଟା । ନଚେତ୍ ତତେ ମଡେଇ ଦେବି । କିଛିକ୍ଷଣ ପରେ ଜିପ୍ ଯାଇ ମୁଖ୍ୟ ରାସ୍ତା ଧରିଲା । ଯୁବକ ପଚାରନ୍ତି ମଉସା ଏ ଜିପ୍ ଆଉ ତା ଭିତରେ ସେ ଲୋକ କିଏ ? ଆରେ ବାବୁ ଜୋରଯାର ମୁଲକ ତାର । ସେ ଟୋକା ବଟୁ ପାଟସାଣୀ । ତା ବାପା ସରପଞ୍ଚ । ଏ ସବୁକାକୁ ଜଙ୍ଗଲ ସେ ନିଲାମ ନିଏ । ବହୁତ ଗୁଣ୍ଡାଲୋକ । ତା ବାପା ଟଙ୍କା ଫୋପାଡି ଭୋଟ କିଣିନିଏ । ନେତାର ପ୍ରିୟ ଲୋକ । କଣ ତା ନାଁ କହୁଥିଲେ... ? ବଟୁ ପାଟଶାଣୀ । ବଟୁ କ'ଣ କରେ ? ଆଉ କ'ଣ କରିବ ବାବୁ । ବାପ ଟଙ୍କାରେ ମଉଜି କରେ । ସବୁତକ ବାତରା, ଛତରା ଟୋକା ତା ପଛେ ଧାଆନ୍ତି । ଦେଖିଲେ ହାଇସ୍କୁଲ ଝିଅମାନେ ବୁଲିକରି ଯିବେ । କାହିଁକି.... । ତାର ନଜର ଖରାପ । ସବୁବେଳେ ନିଶା ପାଣିରେ ଟଳମଳ ହେଉଥିବ । ହଉ ବଇଁଶୀ ମଉସା । ତୁମେ ତୁମ ଗୋଠ ନେଇ ଯାଅ । ବେନୁ ମଉସା କାହାଁନ୍ତି । ସେ ଜାଲଦିଟା ଭାଙ୍ଗୁଥିଲା । ପଛପଟ ଦେଇ ସେ ଗାଁ ମୁଣ୍ଡରେ ମୋତେ ଅପେକ୍ଷା କରିବ । ତୁମ ଦୁହିଁକୁ ମୋର ଧନ୍ୟବାଦ । ତୁମେ ମୋର ନିଶ୍ଚିନ୍ତ ମନେ ପଡିବ କହି ଯୁବକ ଜଣକ ଛକ ରାସ୍ତାରେ ଚାଲିଲେ ।

ମୁଁ ସନ୍ଧ୍ୟା ବସରେ ସହର ଫେରିଯିବି ମନୁଆ । ମନୁଆ କହେ, ତୁମକୁ ସେ ପାହାଡ ଉପର ଭଲ ଲାଗିଲା । ଫିଲ୍ମ ସୁଟିଂ କେବେ ହେବ ? ସେହି ବିଷୟରେ ଯଦି ମୋତେ କିଏ ଖୋଜନ୍ତି କହିବ ସେ ବାବୁ ବସରେ ଗଲେ । ଏଠାକୁ ଦୁଇଜଣ ପୁଅ ଝିଅ ମଟର ସାଇକେଲ୍‌ରେ ଆସି ମୋତେ ଖୋଜିପାରନ୍ତି ? ବାବୁଅ ନା ବିବାହିତ ? ଆମ ଲାଇନ୍‌ରେ ବିବାହିତ କେଉଁଠୁ ଆସିବେ ? ବାବୁ ସେମାନେ ସେଦିନ ବଡ ଖୁସିରେ ଯାଉଥିଲେ । ରାତି ଆଠଟା ହେବ । ଶୀତ ଦିନଟା । ତାଙ୍କର ମଟର ସାଇକେଲ ଏଇ ଛକରେ ଖରାପ ହେଲା । କେତେ ପରିଶ୍ରମ ସେ ଟୋକା କଲା । ମୁଁ ମଧ ମଟର ସାଇକେଲ ପେଲିଛି କାଳେ ଷ୍ଟାର୍ଟ ହେଇଯିବ । ମୋ ଠାରୁ

ଲଣ୍ଠନ ନେଇ ସେ ଟୋଙ୍କା ଭେଣ୍ଟରେ ଖୋଲାଖୋଲି କରି କଣ ସବୁ ସଫା କରି ଯୋଡିଲା । ତଥାପି ଗାଡିଟା ଷ୍ଟାର୍ଟ ହେଲାନି । ମେକାନିକ କଥା ପଚାରିଲା । ମୁଁ ଉତ୍ତର ଦେଲି ଏଇଟା ଜଙ୍ଗଲି ରାସ୍ତା । ଇଁ ଭାଁ ଗାଡି ମଟର ଯାଏ । ତୁମେ ସାତ କିଲୋମିଟର ଗଲେ ସହର ଆସିଯିବ । ସେଠାରେ ଥିବେ । ସୁନ୍ଦରୀ ଝିଅଟେ ସାଙ୍ଗରେ ଥାଏ । ଗୋଟିଏ ଜିପ୍ ଅଟକି ଏମାନଙ୍କୁ ଡାକିଥିଲା ସହର ଯିବାକୁ । ସେ ପୁଅ ମଧ ଝିଅକୁ କହୁଥାଏ ତୁମେ ଯାଅ । ଝିଅ ମନାକଲା । ମୁଁ ଏକା ଯିବିନି । ଅଚିହ୍ନା ଲୋକ ସେମାନେ ଏଇ ଭାଇଙ୍କ ପାଖେ ମାନେ ମୋ ପାଖେ ଗାଡି ରଖିଦେଇ ଆସଯିବା । ପୁଅଟି ଉତ୍ତର ଦେଲା ମୁଁ ଅଶୀ ହଜାର ଟଙ୍କାର ମଟର ସାଇକେଲ୍ ଛାଡି କେମିତି ଯିବି । ସେଦିନ ମକର ମେଳା ଥାଏ । ଝିଅଟି ଠିଆ ହେବାର ଦେଖି ଅନ୍ୟ ମୋଟର ସାଇକେଲ୍, ଆରୋହୀ ଠିଆ ହୋଇ କ'ଣ ହେଇଛି ପଚାରୁଥାନ୍ତି । ସେ ଝିଅଟା ମୋ ଦୋକାନରୁ ପାଣି ମାଗି ପିଇଛି । ମକରମେଳା ସକାସେ ଅନ୍ୟ ଦୋକାନଗୁଡିକ ବନ୍ଦ ଥିଲା । ତାପରେ କଣ ହେଲା ମନୁଆ ? ଏଠାରେ ଆଶ୍ରୟ ଖୋଜିଲେ । ମୋତେ ସେ ପୁଅ ଶହେ ଟଙ୍କିଆଟେ ଦେଇ କହିଲା ହେ ଭାଇ ଆମେ ରହିବା ପାଇଁ କେଉଁଠି ଗୋଟେ ଘର ଯୋଗାଡ କରିଦିଅ ଆଜି ରାତିଟା ପାଇଁ । ତାଙ୍କୁ କହିଲି ଏଇ ଯେଉଁ ବାଲିପାହାଡ ଦିଶୁଛି ତା ପଛପଟେ ଆମ ଗାଁ । ପ୍ରଥମ ସାହିରେ ମୋ ଘର । ମୋ ନାଁ ମନୁଆ ବେହେରା । ତୁମେ ଯାଇ ମୋ ଘର ପଚାରି ଦେଲେ ସାହିଲୋକ ଦେଖାଇଦେବେ । ମୋ ବୋଉ ଏକୁଟିଆ ଘରେ ଅଛି । ତୁମ ପୁଅ ପଠାଇଛି କହିଦେବ । ତୁମେ ଯିବନି ଭାଇ ? ନାହିଁ । ମୁଁ ଆଜି ଟିକେଟ୍ ସେଲ ଯାତ୍ରା ଯିବି । ଆଉ କିଛି କ୍ଷଣ ପରେ ମୋ ସାଙ୍ଗ ଆସିବ । ଆମେ ସହରକୁ ଯାତ୍ରାଦେଖି ଯିବୁ । ତା ମଟର ସାଇକେଲ ଗଡାଇ, ଗଡାଇ, ଦୁଇଜଣ ଯାକ ଗଲେ । ମୁଁ ସକାଳୁ ଯାତ୍ରାଦେଖି ଘରକୁ ଫେରି ବୋଉକୁ ପଚାରିଲି ସେମାନେ କ'ଣ ଗଲେଣି ? କେଉଁମାନେ ? ସେ ଦୁଇଜଣ ପୁଅ-ଝିଅ । ତୋର ମୁଣ୍ଡ ଠିକ୍ ଅଛି ତ ? ଗାଁରେ ହଲା ପଡିଗଲା ଦୁଇଜଣ ପୁଅ-ଝିଅ ବାଲିପାହାଡ଼ରେ ମରି ପଡ଼ିଛନ୍ତି । ଆଜ୍ଞା ମନୁଆ ଗୋଟେ କଥା କହିଲ, ସେ ଜିପ୍ ଯିଏ ଏମାନଙ୍କୁ ଲିଫ୍ଟ ଦେବାକୁ ଡାକୁଥିଲା ସେମାନେ କିଏ ? ମୁଁ ଜାଣେନି ବାବୁ । ସେ ଦୁଇଜଣ ପୁଅ-ଝିଅ ତାଙ୍କ ମଟର ସାଇକେଲ ଗଡାଇ ଆମ ଗାଁ ରାସ୍ତାରେ ଏଇ ବାଲିପାହାଡ କର ଦେଇ ଯିବାର କିଛି ସମୟପରେ ସେ ଜିପ୍‌ଟି ସେହି ରାସ୍ତାରେ ଗଲା । ଆମ ଗାଁ ସେପଟେ ଆଉ ଗୋଟେ ଗାଁରେ ମକର ମେଳା ଚାଲିଥାଏ । ମୁଁ ଭିବିଲି ସେମାନେ ମେଳା ଦେଖି ଯାଉଛନ୍ତି କିମ୍ବା ସେପଟ ଗାଁର କାହାର କୁଣିଆ ହୋଇଥିବେ । ତୁମେ ସେମାନଙ୍କୁ ଭିତରୁ ଜଣକୁ ଚିହ୍ନିତ କି ? ମନୁଆ ନିରବ ରହେ । ପୋଲିସବାବୁ ମୋତେ ସନ୍ଦେହରେ ଥାନାକୁ ନେଲା । ମୁଁ କହିଲି ସେ ରାତିରେ ତାଙ୍କ ଗାଡି ଖରାପ ଥିଲା । ଦୁଇଜଣ ଯାକ ଆମ ଗାଁ ରାସ୍ତାରେ ଗଲେ । ମୁଁ ମଧ ସେଦିନ ଟିକଟ ସେଲ ଯାତ୍ରାର ଟିକେଟ ପୋଲିସ୍ ବାବୁଙ୍କୁ ଦେଖାଇଲି । ପୋଲିସ୍‌ବାବୁ ନିଶ୍ଚିନ୍ତ ହେଲେ । ମୋର ଏଥିରେ କିଛି ଦୋଷ ନାହିଁ । ମୋତେ ଛାଡିଦେଲେ । ଘରକୁ ଆସି ବୋଉକୁ ସତର୍କ କରାଇଦେଲି । ଏ ମର୍ଡର କେଶ ବିଷୟରେ କେଉଁଠି କିଛି ଆଲୋଚନା ନ କରିବା ପାଇଁ । କ'ଣ ପାଇଁ ମନୁଆ ତୁମେ ମିଛ କହିଲ ? ସତକଥା କହିଲନି । ତୁମେ ବାବୁ ବଡ ବିଚିତ୍ର ଲୋକ ମୁଁ ଦେଖୁଛି । ସତ କହିଥିଲେ ମୁଁ ଦୋଷ ନ କରି ଦୋଷୀ ହୋଇଥାନ୍ତି । ମୋତେ ଭଗବାନ ସାହା । ସେ ବାବୁ ଜଣକ ଦୂରକୁ ଯାଇ କଣ ଫୋନ୍‌ରେ କଥା ହେଲେ । ମନୁଆ ଡାକିଲା ବାବୁ ସହର ଯିବାକୁ ଶେଷ ବସ ଆସୁଛି । ମୁଁ ଭିକାରୀ ମଉସାଙ୍କୁ ଦେଖା କରି ଯିବି । ଆହେ ବାବୁ ଆଉ ଗାଡି ମିଳିବନି ଯିବାକୁ । ନ ଥାଉ ଗାଡି । ମୁଁ ନଯାଇ ପାରିଲେ ତୁମ ଘରେ ରହିବି । ମୋତେ ଆଜି ରାତିଟା ରଖିବନି ? ବାବୁ, ଏ ମର୍ଡର କେଶ ବିଷୟରେ ସତକଥା କିଛି ତୁମ ଆଗରେ ବିଶ୍ୱାସରେ କହିଦେଲି । ଭିକାରୀ ଡାକେ, ବାବୁ ତୁମେ ମୋ ଦୋକାନକୁ ଆସ । ମୁଁ ଗୋଲ ମରିଚ, ଅଦା ଦେଇ ଚା କରିଛି । ତୁମେ ପିଇବ । ଯାଉଛି ମଉସା । ମୁଁ ଆଉ ଏଠାକୁ ଆସିବିନି । ମୋ ସୁଟିଂ ବେଳେ ମୋ ଦଳବଳ ଆସିବେ । ମନୁଆ ତୁମେ ତାଙ୍କୁ ସାହାଯ୍ୟ କରିବ ।

ମଉସା, ସେ ପାନ ଦୋକାନୀ ମନୁଆଟା ଭାରି ଭଲ ପିଲା । ନାହିଁ ଆଜ୍ଞା ପାଠ ଦିଅକ୍ଷର ପଢ଼ିଛି । ସେ ବାତରା

ହୋଇଯାଇଥିଲା । ତା ବାପା ଆର ସାଲ ଘର ଛପର କଲାବେଳେ ଚାଳରୁ ଗଳିପଡି ମରିଗଲା । ସେଇଠୁ ବଦଳିଗଲା । ଦଶ ହଜାର ଟଙ୍କା ବ୍ଲକରୁ ମିଳିଥିଲା । ଦୋକାନଟିଏ କରି ମା, ପୁଅ ଚଳନ୍ତି । ବଟୁ ପାଟଶାଣୀ ଘର କେଉଁଠି ? ବାବୁ କିପରି ତାଙ୍କୁ ଜାଣିଲେ ? ମୁଁ ସେହି ବାଲିପାହାଡ ରାସ୍ତାରେ ଆସିଲା ବେଳେ ଦୁଇଜଣ ଲୋକ ତା ବିଷୟରେ କଥା ହେଉଥିଲେ । କହୁଥିଲେ ଭାରି ସାହାଯ୍ୟକାରି ପିଲା ? ସେ ଟୋକା ଲାଭଥିଲେ ବଣିଜକରେ । ସେ କେତେ ଝିଅଙ୍କର ଇଜ୍ଜତ ସହ ଖେଳିଛି । ତା ଲାଗି ଆମ ଗାଁର ଧୂଷା ପ୍ରଧାନ ଝିଅ ଦଉଡ଼ି ଦେଇ ମଲା । ପ୍ରମାଣ ନାହିଁ । ତା ବାପା ହାତରେ ସବୁ ବଡ଼ବଡ଼ିଆ ଅଛନ୍ତି । ତା ଗାଁ କେଉଁଠି ? ଆମ ଗାଁ ଡେଇଁ ଗଲେ ତା ଗାଁ ପଡେ । ସବୁ ଟୋକାମାନଙ୍କୁ ମଦ, ଗଞ୍ଜେଇ ଦେଇ ଅବାଟକୁ ନେଇଯାଏ । ତାପରେ ସେମାନଙ୍କ ଦ୍ୱାରା ନିଜ କାର୍ଯ୍ୟ ହାସଲ କରେ । ମଉସା ତୁମ ପାଖ ସହରରେ ସୁନାଗହଣା ଦୋକାନ ଅଛି ? ମୁଁ କହିପାରିବିନି ? ସେହି ମନୁଆ ଜାଣିଥିବ । ଭିକାରୀ ମନୁଆକୁ ବଡ଼ ପାଟିରେ ଡାକିଲେ । ମନୁଆ ବିଡି ଖଣ୍ଡେ ଟାଣି ଆସିଲା । କଣ କିଓ ଦାଦା । ତୁମେ ଯେଉଁ ଯାଗାକୁ ଯାତ୍ରା ଦେଖି ଯାଇଥିଲ ସେଇଟା କ'ଣ ବଡ଼ ମାର୍କେଟ । ଆମର ଦଶ ପନ୍ଦର କିଲୋମିଟର ପରିଧିର ଲୋକମାନେ ତା ଉପରେ ନିର୍ଭରଶୀଳ । ସୁନା ଅଳଙ୍କାର ମିଳେ ? ହଁ ବାବୁ । ମା ମଙ୍ଗଳା ଜୁଏଲାରୀ ଓ କନକଦୁର୍ଗା ଜୁଏଲାରୀ ଦୋକାନ ଅଛି । ମା ମଙ୍ଗଳା ଜୁଏଲାରୀ ସପ୍ ବଡ଼ ଅଟେ । ଭିକାରୀ ପଚାରନ୍ତି ବାବୁ ରାତି ହେଲାଣି । ଶେଷ ଗାଡିଟା ଚାଲିଗଲାଣି । ତୁମେ ଯିବ କିପରି ? କ'ଣ ଗୋଟେ ଗାଡ଼ିଟେ ଆସୁଛି । ହାତ ଦେଖାଇବା । କାଲେ ରହିବ । ସେହିଥିରେ ଯିବା । ଯୁବକ ଜଣକ ପଚାରନ୍ତି ସେଦିନ ଯେଉଁ ମର୍ଡର ହେଲା ତୁମ ଅଞ୍ଚଳର କ'ଣ ଗୋଟେ ବଡ଼ ପର୍ବ ଥିଲା ? ହଁ ଆଜ୍ଞା ମକର ପର୍ବ ଥିଲା । ସତକୁ ସତ ରାସ୍ତାରେ ଆସୁଥିବା ଟ୍ରାଭେରା ଗାଡ଼ିଟି ବ୍ରେକ୍ ଦେଇ ଅଟକିଗଲା । ଡ୍ରାଇଭର ପଚାରେ ମୁଁ ସହର ଆଡେ ଯିବି । ଆପଣ ଯିବେ ? ଯୁବକ ଗାଡିରେ ବସିଲେ । ଗାଡିଟି ହର୍ଣ୍ଣ ଦେଇ ସହର ଅଭିମୁଖେ ରାସ୍ତାରେ ଚାଲେ । ପଛପଟେ ନମ୍ବର ପ୍ଲେଟ ତଳେ ଲେଖାଥିଲା ଗମେଣ୍ଟ ଅଫ ଇଣ୍ଡିଆ, ସି.ବି.ଆଇ, ଡିପାର୍ଟମେଣ୍ଟ । ମନୁଆ ନିରେଖି ପଢ଼ିଦେଲା । ଏ ଦାଦା, ସେ ବାବୁ ଯେଉଁ ଗାଡ଼ିରେ ଗଲେ ତାହା ଭାରତ ସରକାରଙ୍କ ସି.ବି.ଆଇ ଗାଡ଼ି । ଏ ଲୋକଟା କିଏ ? ଏ କ'ଣ ମର୍ଡର କେଶ ଅନୁସନ୍ଧାନରେ ଆସିଥିଲେ ? ଆରେ ମନୁଆ ଆମେ କ'ଣ ସେଥିରେ ଅଛେ ଯେ ତୋତେ ଭୟ ଲାଗୁଛି !

ରାତି ନଅଟା ହେବ । ଦୁଇଜଣ ପୋଲିସ୍ ଇନିସ୍‌ପେକ୍ଟର ମା' ମଙ୍ଗଳା ଜୁଏଲାରୀ ଦୋକାନ ଭିତରକୁ ଗଲେ । ତୁମେ ମାଲିକ ? ହଁ ସାର । ତୁମ ନାଁ ? ଅବନୀ ସାହୁ । କେତେବର୍ଷ ହେବ ଏଠି ଦୋକାନ କରିଛ ? ପାଞ୍ଚବର୍ଷ ହେବ । ଏ ମୁଦି ତୁମ ଦୋକାନର । ସେମିତି କଣ କହିହେବ । ତୁମ ଦୋକାନ ଲୋଗ ଏଥିରେ ଅଛି । ଦୋକାନୀ ପୋଲିସ ବାବୁଙ୍କ ହାତରୁ ମୁଦିଟିଏ ନେଇ ଭଲଭାବେ ଦେଖିଲା । ଆଜ୍ଞା ମୋରି ଦୋକାନର । କେବେ ଓ କାହାକୁ ବିକ୍ରି କରିଥିଲେ ? କେତେ ଗରାଖ ଆସନ୍ତି । ବାହାଘର ସିଜିନ୍‌ରେ ଶହ ଶହ ମୁଦି କାରବାର ହୁଏ । ଏ ମୁଦି କାହାକୁ ବିକିଥିଲୁ । ନହେଲେ ଏଇଠୁ ବାଡେଇ ବାଡେଇ ଥାନାକୁ ନେବି । ଚୋରା ମୁଦି ରଖି ନିଜ ଦୋକାନ ଲୋଗ ଲଗାଇ ବିକୁଛୁ । ନାହିଁ ସାର୍ । ଏଇଟି ଆମର ଅରଜିନାଲ ଦୋକାନ ଲୋଗ । ଓଜନକର ଶିଘ୍ର । ପାଞ୍ଚଗ୍ରାମ ଅଛି ଆଜ୍ଞା । ଆଜିଠାରୁ ପାଞ୍ଚମାସ ପୂର୍ବ ରସିଦ୍ ଦେଖି କାହାନାମରେ ବିଲ୍ ଅଛି । ପିଛିଲା ରସିଦ୍ ବହି ଆଡେଇ ଦୋକାନୀ ଦେଖୁଥାଏ । ସାର ହେଇଟି ଦେଖନ୍ତୁ । ବଟୁ ପାଟଶାଣୀ ନାଁରେ ବିଲ୍ ଅଛି । ଚାଲ୍ ଆମ ସହ ଥାନାକୁ । ତୋ ରେକର୍ଡ ନିଆଯିବ । ତୋ ଦୋକାନୀକୁ ପୋଲିସ ସିଲ୍ କରିବ । ଆସାମୀ ଧରା ନହେଲା ଯାଏଁ ତୁ ଆମ କଷ୍ଟଡିରେ ରହିବୁ ।

ରାତି ଚାରିଟା ହେବ । ମନୁଆ ଘରର କବାଟ ଠକ୍‌ଠକ୍ ହେଲା । କିଏ ଏତେ ରାତିରେ ଡାକୁଛ । କବାଟ ଖୋଲ । ତୁମ ପାଇଁ ଖବର ଅଛି । ମନୁଆ କବାଟ ଖୋଲେ । ଆଠ, ଦଶଜଣ ପୋଲିସ । ଆଚମ୍ବିତ ହୁଏ ମନୁଆ । ତୋ ନାଁ ମନୁଆ ? ମୁଣ୍ଡ ଟୁଙ୍ଗାରେ ମନୁଆ । ତା ବୋଉ ଦୁଆର ମୁହଁକୁ

ଆସି ପହଞ୍ଚି ଯାଏ । ଆମ ସହ ସେ ଜିପ୍‌ରେ ବସେ । ମୁଁ କାହିଁକି ଯିବି ? ଗୋଟିଏ ଜୋର୍ ଝାପୁଡ଼ା ତା ଗାଲରେ ବାଜିଲା । ସେ ଝିଅ ମଲାପରେ ତୁ ଭଲ ତାମସା ଦେଖିଲୁ । ମନୁଆକୁ ଭିଡି ନେଇ ଭ୍ୟାନ୍‌ରେ ପୁରାଇଲେ । ଆଉ ଏକ ଭ୍ୟାନ୍ ଯାଇ ବଟୁ ପାଙ୍ଗଶାଣୀ ଘରେ ପହଞ୍ଚିସାରିଥାଏ । କଲିଂ ବେଲ ବାଜି ଉଠିଲା । ତାଙ୍କ ଚାକର ଚଗଲା ଆସି ଦୁଆର ଖୋଲେ । ବଟୁ ଘରେ ଅଛି ? ଚଗଲା ଉତ୍ତର ଦିଏ ବାବୁ ଫାର୍ମରେ ରହନ୍ତି । ପୋଲିସବାବୁ ପଚାରନ୍ତି ତାଙ୍କ ଫାର୍ମ କେଉଁଠି ? ଏଇ ରାସ୍ତାରେ ଗଲେ ପାଞ୍ଚ କିଲୋମିଟର ହେବ । ହାସନପୁର ଅଞ୍ଚଳରେ ବାବୁଙ୍କର ଫାର୍ମ ହାଉସ ପଡିବ । ସଙ୍ଗେ ସଙ୍ଗେ କାଳ ବିଳମ୍ବ ନକରି ସମସ୍ତ ପୋଲିସ ଅଧିକାରୀ ଜିପ୍‌ରେ ବସିଲେ । ଭି.ଏଚ୍.ଏଫ୍‌ରେ ଜଣ କହୁଥାନ୍ତି । ଚାକର ଦେଖାଇଥିବା ରାସ୍ତାରେ ତାଙ୍କ ଜିପ୍ ଓ ଭ୍ୟାନ୍ ଚାଲିଲା ଦ୍ରୁତ ଗତିରେ । ଚାକର କବାଟ ଦେଇ ଘର ଭିତରକୁ ଗଲା । କିଏ ଡାକୁଥିଲା ବୋଲି ବଟୁର ମା ତାକୁ ପଚାରିଲେ । ପୋଲିସ ବାଲା ବାବୁଙ୍କୁ ଖୋଜୁଥିଲେ ମା । ମୁଁ ତାଙ୍କୁ କହିଲି ଫାର୍ମ ହାଉସ୍‌ରେ ଅଛନ୍ତି । ତେଣୁ ସେମାନେ ସେଠିକି ଗଲେ । ବଟୁର ଭଉଣୀ କହନ୍ତି ତୁ କ'ଣ ପାଇଁ ଭାଇର ଆଡ୍ରେସ୍ କହିଲୁ ? ମୋତେ ଓଡିଆରେ କୁହ ହେଇ । ମୁଁ ତମକଥା ବୁଝିପାରୁନି । ଧେତ୍ ବୋଉ ତୁ ଭାଇ ମୋବାଇଲ୍‌କୁ କଲ କରି ତାକୁ ଶୀଘ୍ର ସେଠାରୁ ଯିବାକୁ କହ । ବଟୁ ରୁମ୍‌ରେ ତା ମୋବାଇଲ୍ ରିଙ୍ଗ୍ ହେଲା । ନିଜ ବେଡ୍‌ରେ ଏକ ଝିଅ ଥାଏ । ଦୁହେଁ ଅସଙ୍ଗତ ଅବସ୍ଥାରେ ମସଗୁଲ୍ । ମୋର କେଉଁ ସାଙ୍ଗ ଫୋନ୍ କରୁଥିବ । ଏ ଅବସ୍ଥାରେ ମୁଁ ତୁମକୁ ଉପଭୋଗ କରୁଛି । ତୁମ ଓଠର ସବୁ ନାଲିକୁ ମୋ କଳା ଓଠରେ ବୋଳି ମୋ ଓଠକୁ ପିଙ୍ଗଳା କରିଦେବି । ପୋଲିସମାନେ ଫାର୍ମ ହାଉସକୁ ଘେରି ସାରିଥାନ୍ତି । ଫାର୍ମ ହାଉସକୁ ଜଗିଥିବା ଜଗୁଆଳୀକୁ କାବୁ କରିନେଲେ । ବଟୁ ରୁମ୍‌ର କବାଟ ଧଡ୍‌ଧଡ୍ ହେଲା । ଜଗୁଆଳୀ ଡାକୁଥିବ । ବେଡ୍‌ସିଟ୍‌ଟା ସେ ଝିଅ ଉପରେ ଘୋଡାଇ ଦେଇ ନିଜେ ଟାୱେଲ୍‌ଟେ ପିନ୍ଧି ଖଟରୁ ଓହ୍ଲାଇ କବାଟ ଖୋଲେ । ଧାଇଁକରି ସମସ୍ତ ପୋଲିସ ସେ ଘରେ ପଶିଗଲେ । ଦୁହିଁଙ୍କୁ କାବୁ କରିନେଲେ ପୋଲିସମାନେ । ଟାୱେଲ ଖଣ୍ଡେ ବଟୁ ପିନ୍ଧିଥାଏ । ଲଜ୍ଜା ନିବାରଣ ପାଇଁ ସେହି ଝିଅଟି ବେଡ୍‌ସିଟ୍‌କୁ ବେକଠାରୁ ପାଦ ପର୍ଯ୍ୟନ୍ତ ଢାଙ୍କି ରହିଥାଏ । ଜଣେ ପୋଲିସ କ୍ୟାମେରା ସାହାଯ୍ୟରେ ବେଡ୍ ଓ ଦୁହିଁଙ୍କର ଫଟୋ ଉତ୍ତୋଳନ କରୁଥାନ୍ତି । ଦୁଇଜଣ କନେଷ୍ଟବଳ ଚାବିଦେଇ ସେହି ଘର ସିଲ୍ କଲେ । ସେହି ଅବସ୍ଥାରେ ସେମାନଙ୍କୁ ଜଗୁଆଳୀ ସହ ନେଇଗଲେ ଭ୍ୟାନ୍ ଭିତରକୁ ।

ଥାନା ହାଜତ ଭିତରେ ମନୁଆ ବସିଥାଏ । ପୁରା ସକାଳ ହୋଇସାରିଥାଏ । ବଟୁ ପାଙ୍ଗଶାଣୀକୁ ନେଇ ସେହି ହାଜତ ଭିତରେ ରଖିଲେ । ସେ ଝିଅଟିକୁ ଦୁଇ ଲେଡି ପୋଲିସ୍ ଅଫିସର ଅନ୍ୟ କୋଠରୀକୁ ନେଉଥାନ୍ତି । ଖବର ପ୍ରଚାର ହେଲା ବାଲିପାହାଡ ରେପ୍ ଓ ମର୍ଡର ଆସାମୀ ଧରାହେଲେ । ସାମ୍ବାଦିକମାନଙ୍କ ସୁଅ ଛୁଟିଲା ଥାନାକୁ । ଥାନା ଅଧିକାରୀଙ୍କୁ ବିଭିନ୍ନ ପ୍ରଶ୍ନ ସାମ୍ବାଦିକମାନଙ୍କର । ବ୍ୟସ୍ତ ହୁଅନ୍ତୁ ନାହିଁ । ଏହାର ସି.ବି.ଆଇ ଇନ୍‌ସପେକସନ୍ ଚାଲିଛି । ଆସାମୀମାନେ ସମ୍ପୂର୍ଣ୍ଣ ଧରା ପଡିନାହାଁନ୍ତି । ଆମ ଇନ୍‌କ୍ୱାରୀ ବାଧାହେବ । ଦୁଇଦିନପରେ ସବୁ ଲୋକଲୋଚନକୁ ଆସିବ । ଦୟାକରି ଆପଣମାନେ ଆସିପାରନ୍ତି । ସାମ୍ବାଦିକମାନେ ବିଦାୟ ନେଲେ । ଧଳା କାର୍‌ଟିଏ ଥାନା ଗେଟ୍ ଭିତରକୁ ପ୍ରବେଶ କଲା । ଜଣେ ଧୋତି ପଞ୍ଜାବି ପିନ୍ଧା ଷାଠିଏ ବର୍ଷର ବୟସ୍କ ବ୍ୟକ୍ତି ତିନିଜଣଙ୍କ ସହ ଥାନା ଭିତରକୁ ପ୍ରବେଶ କଲେ । ମୁଁ ଶାସକ ଦଳର ସରପଞ୍ଚ ପଦ୍ମ ପାଙ୍ଗଶାଣୀ । ବଟୁର ବାପା । ମୋ ନିରୀହ ପୁଅକୁ କେଉଁ କେଶ୍‌ରେ ଏଠାକୁ ଆଣିଛ । ତାର ଦୋଷ କ'ଣ ? ସେ ବାଲିପାହାଡ କେଶ ସହ ସମ୍ପୃକ୍ତ । ତେବେ ଆଜି ପର୍ଯ୍ୟନ୍ତ ତୁମେ ତାକୁ ଆରେଷ୍ଟ କାହିଁକି କରିନଥିଲ ? କାରଣ ସେତେବେଳେ କିଛି ପ୍ରମାଣ ମିଳିନଥିଲା । ବର୍ତ୍ତମାନ ଏଭ କାଣ୍ଡ ଘଟାଇଛି ବୋଲି ବଟୁ ମାନି ଗଲାଣି । ତାର ଅନ୍ୟ ସାଙ୍ଗମାନଙ୍କୁ ପୋଲିସ ଖୋଜୁଛି । ଖୁବ୍ ଶୀଘ୍ର ସେମାନେ ଧରାହେବେ । ଆପଣ ଜାଣନ୍ତି ପୋଲିସ ଇନସ୍‌ପେକ୍ଟର ମୁଁ ତିନି ତିନି ଥର ସରପଞ୍ଚ ଅଟେ । ମୋ ହାତ ବହୁତ ଲମ୍ବା । କେତେବେଳେ ମୋ ପୁଅକୁ ନିର୍ଦ୍ଦୋଷ କରିବେ କୁହ । ଏଇନା ଯାଇ ମୁଁ ତା ବେଲ୍ ଅର୍ଡର ଆଣୁଛି । ପୋଲିସ୍ ଇନିସ୍‌ପେକ୍ଟର ଛିଡା ହେଲେ । ପୋଲିସ୍‌କୁ ଧମକ ଓ ଟଙ୍କା

ଯାଚବା କାରଣରେ ମୁଁ ତୁମକୁ ଆରେଷ୍ଟ କଲି । ସେକେଣ୍ଡ ଅଫିସରକୁ କହିଲେ ଏ ତିନଜଣଙ୍କୁ ଥାନାରୁ ବାହାରକୁ ଯିବାକୁ ବର୍ତ୍ତମାନ ଦିଅନି । ସି.ବି.ଆଇ. ଅଫିସର ହେଡ୍‌କ୍ୱାର୍ଟର ଛାଡିସାରିଲେଣି ।

ଥାନା ଭିତରକୁ ବାଲିପାହାଡକୁ ଯାଇଥିବା ସେହି ଅଜଣା ଯୁବକ ସି.ବି.ଆଇ ଅଫିସର ଶ୍ରୀ ବିରେନ୍ଦ୍ର ପଟ୍ଟନାୟକ ଆସିଲେ । ପଛେ ପଛେ ତିନିଚାରିଜଣ ପୋଲିସ ଅଫିସର । ଗୁଡ ମର୍ଣ୍ଣିଂ ଇନିସ୍‌ପେକ୍ଟର । ଭେରି ଗୁଡ୍ ମର୍ଣ୍ଣିଂ । ଥ୍ୟାଙ୍କ୍ୟୁ ଅଫିସର । ଆପଣ ଡେରି କରିଥିଲେ ଆସାମୀ ଖସିଯିବାରେ ସଫଳ ହୋଇଥାନ୍ତା । ବଟୁର ସାଙ୍ଗ ଭିତରୁ ତିନିଜଣଙ୍କୁ ଖୋଜି ବାହାର କରି ଆରେଷ୍ଟ କରିଛୁ । ଅନ୍ୟ ଦୁଇଜଣ ଫେରାର ଅଛନ୍ତି । ବଟୁର ଷ୍ଟେଟ୍‌ମେଣ୍ଟ ନେଲେ । ହଁ ସାର୍ । ସେ ମାନିଛି । ସେଦିନ ପୁଅ-ଝିଅ ମଟର ସାଇକେଲ୍ ଗଡାଇ ତାଙ୍କ ଘରକୁ ଯିବା ପରେ ପରେ ବଟୁର ଜିପ୍ ତାଙ୍କୁ ପିଛା କରିଥିଲା । ସେଥିରେ ପାଞ୍ଚଜଣ ଥିଲେ । ଆପଣ ଆମ ଇନ୍‌ଭେଷ୍ଟିଗେସନ୍ ଦେଖନ୍ତୁ କହି ଫାଇଲଟି ତାଙ୍କ ହାତକୁ ଇନ୍‌ସପେକ୍ଟର ଦେଲେ । ଆପଣ ମନୁଆକୁ ଏଠାକୁ ଆଣନ୍ତୁ । ଆଉ ମଧ ମନେରଖନ୍ତୁ ସେ ଦୁଇଜଣ ଆସାମୀ ଧରା ହେଲାପରେ ଆମେ ବଟୁ ଓ ସେ ଝିଅକୁ ମେଡିକାଲ୍ ଟେଷ୍ଟ କରିବା । ସେ ମର୍ଡର କେଶ ସହ ଏହିକେଶ ଯୋଡି ଚାର୍ଜସିଟ୍ ତିଆରି କର । ସବୁ ଇନ୍‌କ୍ୱାରୀ ସାରିବା ପରେ ସମସ୍ତଙ୍କୁ କୋର୍ଟ ଫରୱାଡ କରିବା । ଓକେ ସାର୍ ।

ମନୁଆ ସେହି ପରିଚିତ ଯୁବକଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଲା । ବାବୁ ଆପଣ ? ମନୁଆ ତୁମେ ଯଦି ସେତେବେଳେ ସବୁ ସତକଥା ପୋଲିସମାନଙ୍କୁ କହିଥାନ୍ତ ଏ ଦଶା ତୁମକୁ ଭୋଗିବାକୁ ପଡିନଥାନ୍ତା । ମୁଁ ଜାଣେ ତୁମେ ନିର୍ଦ୍ଦୋଶ । କିନ୍ତୁ ତୁମ ଭଉଣୀର କିଏ ଯଦି ଏପରି ଅବସ୍ଥା କରିଥାନ୍ତେ । ତୁମେ କଣ ନିରବ ରହି ତାମ୍‌ସା ଦେଖିଥାନ୍ତ ? ସାର୍ ବଟୁ ପାଟଣାଣୀ ଜିପ୍‌ରେ ଥିଲା । ସେ ମଧ ଏମାନଙ୍କୁ ସହର ନେଇ ଯିବାକୁ ଲିପ୍ଟ ଦେଉଥିଲା । ଏମାନେ ମନାକଲେ । ତାପରେ ଜିପ୍‌ଟି ଛକରେ ରଖିଦେଇ ସେମାନେସବୁ ଭଙ୍ଗା ମନ୍ଦିର ଆଡେ ଗଲେ । ସେମାନଙ୍କୁ ଦୂରରୁ ବୋଧେ ଲକ୍ଷ କରୁଥିଲେ । ତେଣୁ ସେମାନେ ଆମ ଘରକୁ ଯିବାର କିଛିକ୍ଷଣ ପରେ ଜିପ୍‌ରେ ବସି ସେହି ରାସ୍ତାରେ ଗଲେ । ମୁଁ ଡରବର ହୋଇ ପ୍ରକୃତରେ ସେଦିନ ଯାତ୍ରା ଗଲି । ସେତିକି କଥା ପୋଲିସ୍‌କୁ କହିଲନି ? ଆଜ୍ଞା ସାର୍ ସେ ବହୁତ ଖରାପ ଲୋକ । ମୋ ଜୀବନ ଭୟରେ ନୀରବ ରହିଗଲି । ଏବେ ତୁମେ ମଧ ଜେଲ୍ ଯିବ । ହଉ ତୁମେ ମୋତେ ଯାହା କହିଲ ସବୁ ରେକଡିଂ ଏଇ ମେସିନ୍‌ରେ ହୋଇସାରିଛି । ମୁଁ ତୁମ ଯାଗାରେ ଯାହା ସହ ଯାହା କଥାବର୍ତ୍ତା କରିଥିଲି ତାହା ମଧ ଏଇଥିରେ ଅଛି । କୋର୍ଟରେ କିଛି ଫାଙ୍କିବନି । ସବୁ କଥା ଜଜ୍‌ଙ୍କ ଆଗେ ନିର୍ଭୟରେ କହିବ ।

ପାଞ୍ଚଦିନ ଭିତରେ ଫେରାର ଥିବା ଆସାମୀକୁ ପୋଲିସ ଧରିଆଣିଲା । ପାଞ୍ଚଜଣ ଯାକ ଆସାମୀ ତାଙ୍କ ଘଟାଇଥିବା କାଣ୍ଡମାନି ଗଲେଣି । ପଦୁ ପାଟଣାଣୀ ଓ ମନୁଆ ହାଜତ କୋଠରୀ ଭିତରେ ବସିଥାନ୍ତି । ବିରେନ୍ଦ୍ର ପଟ୍ଟନାୟକ ସି.ବି.ଆଇ ଅଫିସର ଭିତରକୁ ଗଲେ । ତୁମ ନାଁ ପଦୁ ? ଆଜ୍ଞା । ତୁମେ ଅର୍ଥବଳ ଓ ବାହୁ ବଳରେ ଆଇନକୁ କିଣିପାରିବନି । ତୁମ ପୁଅ ଓ ତା ସାଙ୍ଗମାନେ ସେ ଝିଅକୁ ବଳାତ୍କାର କରି ମାରିଦେବା ସହ ତା ସହ ଥିବା ସେ ପୁଅର ମୁଣ୍ଡକୁ ପଥରରେ ଏପରି ଛେଚି ଦେଇଥିଲେ ଯେ, ସେ ଏବେ ମଧ ତା ସ୍ମୃତିଶକ୍ତି ହରାଇଛି । ପୂର୍ବଘଟଣା ତାର କିଛି ମନେ ନାହିଁ । ସେ ଯଦି ଜାଣିପାରୁଥାନ୍ତା ତୁମ ପୁଅ କେଉଁଦିନୁ ଫାସି ପାଇଥାନ୍ତି । ତୁମେ ଆସାମୀମାନଙ୍କୁ ପରୋକ୍ଷରେ ଆଇନ୍‌ହାତରୁ ରକ୍ଷା କରୁଥିବାରୁ ଆମେ ତୁମ ପରିବାର ଓ ମନୁଆ ତୁମକୁ ମଧ କୋର୍ଟ ଫରୱାର୍ଡ କରିବୁ, ତେଣିକି ତୁମ ଭାଗ୍ୟ । ମନୁଆ ତୁମର ସଜା କମାଇ ଦେବାକୁ ମୁଁ ଅଦାଲତଙ୍କୁ ଅନୁରୋଧ କରିବି । ତଥାପି ତୁମେ ଯଦି ନିର୍ଦ୍ଦୋଶ ହୋଇ ଗାଁକୁ ଯାଅ, ଏମିତି ଭୁଲ୍ ଆଉ କେବେ କରିବନି । ତୁମ ଗାଁରେ ସେ ଦୁଇ ବୁଢ଼ା ଯିଏ ଗାଈଗୋଠ ନେଇ ସେ ବାଲିପାହାଡ଼ ଯାଆନ୍ତି ସେମାନଙ୍କୁ ମୋର ଧନ୍ୟବାଦ ଦେବ । ତୁମ ଗାଁର ସେ ଛୋଟିଆ "ବାଲିପାହାଡ଼" ମୋର ସ୍ମରଣୀୟ ହୋଇ ରହିବ ।

ନିମବସନ୍ତ, ହରିରାଜପୁର, ପୁରୀ




ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ